**ଆଇଡବ୍ଲୁଏଫ୍ ବିଶ୍ୱ ଯୁବ ଋମ୍ପିଅନସିପ୍ ୨୦୨୪ରେ ଓଡ଼ିଆ ଝିଅଙ୍କ ଚମକ୍**




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା

The Sambad Kalika

TM

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008

ପୃଷ୍ଠା ୮ ମୂଲ୍ୟ : ୨.୦୦

8 Pages,₹ 2.00

● ବର୍ଷ–୩୧ ● ସଂଖ୍ୟା–୧୧୬ ● ୨୪ ମଇ ୨୦୨୪, ଶୁକ୍ରବାର ● ଭୁବନେଶ୍ୱର ● Vol -31 ● Issue-116 ● 24th May 2024, Friday ● Bhubaneswar

Licensed to post without pre-payment of postage No- BN-60/22-24







# ତୃତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ସରିଲା ପ୍ରଚାର, ଶନିବାର ମତଦାନ



**ଭୁବନେଶ୍ୱର, ୨୩/୦୫**
**ନ୍ୟୁଜ ବ୍ୟୁରୋ**

ଓଡ଼ିଶାରେ ତୃତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ଗୁରୁବାର ସନ୍ଧ୍ୟାରେ ପ୍ରଚାର କାର୍ଯ୍ୟ ଶେଷ ହୋଇଛି। ଦିନକ ପରେ ଅର୍ଥାତ୍ ଶନିବାର ଏହି ପର୍ଯ୍ୟାୟରେ ଓଡ଼ିଶାର ୬ଟି ଲୋକସଭା ଆସନ ଓ ୪୨ବିଧାନସଭା ଆସନ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ। ସମୁଦାୟ ମୋଟ ୯୪ ଲକ୍ଷ ୪୮ ହଜାର ୫୫୩ ଜଣ ମତଦାତା ସେମାନଙ୍କର ମତାଧିକାର ସାବ୍ୟସ୍ତ କରିବେ। ଏମାନଙ୍କ ମଧ୍ୟରେ ୪୮,୨୯,୬୬୦ ପୁରୁଷ, ୪୬,୧୭,୬୦୨ ମହିଳା ଭୋଟର ଥିବା ବେଳେ ୧୨୯୧ ତୃତୀୟ ଲିଙ୍ଗ ଭୋଟର ରହିଛନ୍ତି ଏବଂ ମତଦାତା ଲିଙ୍ଗ ଅନୁପାତ ୯୫୬ ରହିଛି । ଏହି ପର୍ଯ୍ୟାୟରେ ସୁରକ୍ଷା ବ୍ୟବସ୍ଥା ପାଇଁ ସର୍ବାଧିକ ୧୨୧ କମ୍ପାନୀ ସିଏପିଏଫ୍ ମୁତୟନ ବ୍ୟବସ୍ଥା କରାଯାଇଛି ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ସୂଚନା ଦେଇଛନ୍ତି। ସୋମବାର ସନ୍ଧ୍ୟାରେ ଏକ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଏକକାଳୀନ ସାଧାରଣ ନିର୍ବାଚନ–୨୦୨୪ର ଷଷ୍ଠ ପର୍ଯ୍ୟାୟରେ ଓଡ଼ିଶାରେ ୬ ଗୋଟି ସଂସଦୀୟ କ୍ଷେତ୍ର ଯଥା: ସମ୍ବଲପୁର, କେଉଁଝର, ଢେଙ୍କାନାଳ, କଟକ, ପୁରୀ ଏବଂ *(ପୃଷ୍ଠା ୭ରେ)*

# ରବିବାର ସନ୍ଧ୍ୟା ସୁଦ୍ଧା ବାତ୍ୟା ନେବ ଭୀଷଣ ରୂପ

- ବାଂଲାଦେଶ ପାର୍ଶ୍ୱବର୍ତ୍ତୀ ପଶ୍ଚିମବଙ୍ଗ ଉପକୂଳରେ ପହଞ୍ଚିବ
- ଓଡ଼ିଶା ଉପକୂଳରେ ବର୍ଷା ସମ୍ଭାବନା



**ଭୁବନେଶ୍ୱର, ୨୩/୦୫**
**ନ୍ୟୁଜ ବ୍ୟୁରୋ**

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଘନୀଭୂତ ହୋଇ ସକ୍ରିୟ ଲଘୁଚାପ କ୍ଷେତ୍ରରେ ପରିଣତ ହୋଇଛି। ଶୁକ୍ରବାର ସକାଳ ସୁଦ୍ଧା ଏହା ଘନୀଭୂତ ହୋଇ ଅବପାତରେ ପରିଣତ ହୋଇପାରେ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ୨୫ ତାରିଖ ସକାଳ ସୁଦ୍ଧା ଏହା ବାତ୍ୟାର ରୂପ ନେବାର ସମ୍ଭାବନା ରହିଛି। ୨୬ ତାରିଖ ରବିବାର ସନ୍ଧ୍ୟା ସୁଦ୍ଧା ବାତ୍ୟା ଭୀଷଣ ରୂପ ନେଇ ବାଂଲାଦେଶ ପାର୍ଶ୍ୱବର୍ତ୍ତୀ ପଶ୍ଚିମବଙ୍ଗ ଉପକୂଳ ସମୁଦ୍ରରେ ପହଞ୍ଚିବ ବୋଲି ପାଣିପାଗ ବିଭାଗ କହିଛି। ଏହାର ପ୍ରଭାବରେ ଓଡ଼ିଶାର ଉପକୂଳ ଜିଲ୍ଲାରେ ବର୍ଷା ହେବାର ସମ୍ଭାବନା ରହିଛି। ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଏହି ସକ୍ରିୟ ଲଘୁଚାପ ଏବେ ଉତ୍ତର ପୂର୍ବ ଦିଗକୁ ଗତି କରୁଛି। ଏହା ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି। ଶୁକ୍ରବାର ସକାଳ ସୁଦ୍ଧା *(ପୃଷ୍ଠା ୭ରେ)*

## ସମ୍ଭାବ୍ୟ ବାତ୍ୟା ନେଇ ଜିଲ୍ଲାପାଳଙ୍କୁ ଚିଠି ଲେଖିଲେ ଏସ୍ଆରସି

ସମ୍ଭାବ୍ୟ ବାତ୍ୟା ଓ ବର୍ଷା ନେଇ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ତରଫରୁ ସତର୍କ ସୂଚନା ଜାରି କରାଯାଇଛି। ଏସ୍ଆରସି ଏନେଇ ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ଲେଖି ସତର୍କତାମୂଳକ ପଦକ୍ଷେପ ନେବାକୁ ପରାମର୍ଶ ଦେଇଛନ୍ତି। ସମ୍ଭାବ୍ୟ ବାତ୍ୟାର ଗତିପଥ ନେଇ ରିପୋର୍ଟ ଆସିଛି। ବଙ୍ଗୋପସାଗରରେ ଭୀଷଣ ବାତ୍ୟା ସମ୍ଭାବନା ରହିଛି। ଶୁକ୍ରବାର ସକାଳ ସୁଦ୍ଧା ଅବପାତର ରୂପ ନେଇପାରେ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ୨୫ସୁଦ୍ଧା ବାତ୍ୟା ଓ ୨୬ରେ *(ପୃଷ୍ଠା ୭ରେ)*

## ଯିଏ ତାଇୱାନର ସମର୍ଥନ କରିବ ତା'ର ମୁଣ୍ଡ ଫଟେଇ ଦେବୁ : ଚୀନ

**ବେଜିଂ, ୨୩/୦୫**

ତାଇୱାନ ପ୍ରସଙ୍ଗରେ ଚୀନ ଚେତାବନୀ ଶୁଣାଇଛି । ଚୀନ ଗୁରୁବାର କହିଛି ଯେ ଯିଏ ତାଇୱାନର ସ୍ୱାଧୀନତାକୁ ସମର୍ଥନ କରିବ ତାହାର ମୁଣ୍ଡ ଫଟେଇଦେବୁ ଓ ରକ୍ତପାତ ହେବ । ଚୀନ୍ କହିଛି ଯେ ତାଇୱାନର ସ୍ୱ-ଶାସିତ ଦ୍ୱୀପ ଚାରିପାଖରେ ଏହାର ସାମରିକ ଅଭ୍ୟାସ ଏକ 'ଗମ୍ଭୀର ଚେତାବନୀ' ପଠାଇବା ପାଇଁ ଉଦ୍ଦିଷ୍ଟ। ତାଇୱାନର ସେନା ଚୀନ ସମରାଭ୍ୟାସର ଏକ ଚିତ୍ର ସେୟାର କରିଛି । ନିକଟରେ ତାଇୱାନର ନୂତନ ରାଷ୍ଟ୍ରପତି ଲାଇ ଚିଙ୍ଗ ଶପଥ ଗ୍ରହଣ କରିଛନ୍ତି, ଯେଉଁଥିରେ ସେ ୩୦ ମିନିଟର ଭାଷଣରେ ଚୀନ୍‌କୁ କଡ଼ା ଚେତାବନୀ ଦେଇଥିଲେ। ଏହି ସମୟରେ ସେ କହିଥିଲେ ଯେ ତାଇୱାନକୁ ଧମକ ଦେବା ବନ୍ଦ କରିବା ଉଚିତ। ଏହି ସମୟ ମଧ୍ୟରେ ସେ ତାଇୱାନ ଅଞ୍ଚଳରେ ଶାନ୍ତି ବଜାୟ ରଖିବା ବିଷୟରେ କହିଥିଲେ ଏବଂ ତାଇୱାନରେ ଗଣତନ୍ତ୍ରର ସୁରକ୍ଷା ପାଇଁ ଶପଥ ନେଇଥିଲେ, ଯାହା ପରେ ଚୀନ ବିରକ୍ତ ହୋଇଥିବା କୁହାଯାଉଛି ।


TATA MOTORS

Light Commercial Vehicles Dealers

24 hours help line :

Sales : 7873770000


# ଗାଈ କ୍ଷୀର ଦେଇନାହିଁ, ଘିଅ ଖାଇବାକୁ ଝଗଡା ଲାଗିଲେଣି: ମୋଦି



**ନୂଆଦିଲ୍ଲୀ, ୨୩/୦୫**

୨୦୨୪ ଲୋକସଭା ନିର୍ବାଚନର ଷଷ୍ଠ ପର୍ଯ୍ୟାୟ ପ୍ରଚାର ପାଇଁ ହରିୟାଣାର ମହେନ୍ଦ୍ରଗଡରେ ପହଞ୍ଚି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କଂଗ୍ରେସ ଉପରେ କଡ଼ା ଆକ୍ରମଣ କରିଥିଲେ। ସାତ ଜନ୍ମରେ ମଧ୍ୟ ସେମାନଙ୍କ ସରକାର ଗଠନ ହେବ ନାହିଁ ବୋଲି ସେ କହିଛନ୍ତି। କଂଗ୍ରେସକୁ ଦିଆଯାଇଥିବା ପ୍ରତ୍ୟେକ ଭୋଟ୍ ବ୍ୟର୍ଥ ହେବ। ବିରୋଧୀ ମିଳିତ ମଞ୍ଚ ଇଣ୍ଡିଆକୁ ଟାର୍ଗେଟ କରି ସେ କହିଛନ୍ତି, 'ଗାଈ କ୍ଷୀର ଦେଇ ନାହିଁ କିନ୍ତୁ ଘିଅ ଖାଇବା ପାଇଁ ଇଣ୍ଡିଆ ମେଣ୍ଟର ଲୋକଙ୍କ ମଧ୍ୟରେ ଝଗଡା ଆରମ୍ଭ ହୋଇଗଲାଣି । ଏମାନେ କହୁଛନ୍ତି ଯେ ପାଞ୍ଚ ବର୍ଷ ମଧ୍ୟରେ ପାଞ୍ଚଜଣ ପ୍ରଧାନମନ୍ତ୍ରୀ ହେବେ। ଇଣ୍ଡିଆ ମେଣ୍ଟର ଲୋକମାନେ ଅତ୍ୟନ୍ତ ସାମ୍ପ୍ରଦାୟିକ, ଅତ୍ୟଧିକ ଜାତିବାଦୀ, ଅତ୍ୟଧିକ ପରିବାରବାଦୀ। ହରିୟାଣା ସହ ତାଙ୍କର ସମ୍ପର୍କ ବିଷୟରେ ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ ମୁଁ ହରିୟାଣା ଏବଂ ପଞ୍ଜାବରୁ ମଧ୍ୟ ରାଜନୀତି ବିଷୟରେ ବୁଝିଛି । ମୁଁ ୧୯୯୫ରେ ହରିୟାଣାକୁ ଆସିଥିଲି । ମୁଁ ଏଠାରେ ମା' ଏବଂ ଭଉଣୀମାନଙ୍କ ଦ୍ୱାରା ପ୍ରସ୍ତୁତ ଖାଦ୍ୟ ଖାଇଛି । ଭାରତ ବିରୋଧୀ ସମସ୍ତ ଶକ୍ତି ସକ୍ରିୟ ହୋଇ ଚାହୁଁଛନ୍ତି ଯେ ମୁଁ ମୁଣ୍ଡ ନୂଆଇଁବି । ଏବେ ମୋଦିଙ୍କୁ ଆପଣମାନଙ୍କର ଅନେକ ଋଣ ପରିଶୋଧ କରିବାର ଅଛି । ଆମ ହରିୟାଣାକୁ *(ପୃଷ୍ଠା ୭ରେ)*

# ସୁରକ୍ଷାକର୍ମୀଙ୍କ ଗୁଳିମାଡ଼ରେ ୭ ନକ୍ସଲ ନିପାତ

**ମାଲକାନଗିରି, ୨୩/୦୫**
**ନ୍ୟୁଜ ବ୍ୟୁରୋ**



ଛତିଶଗଡ଼ର ବସ୍ତର ଅଞ୍ଚଳରେ ନକ୍ସଲମାନଙ୍କର ଆତଙ୍କ ଶେଷ ହେଉ ନାହିଁ। ନକ୍ସଲମାନେ ସବୁବେଳେ ଗ୍ରାମାଞ୍ଚଳରେ କ୍ଷତିକରିବାକୁ ଉଦ୍ୟମ କରୁଛନ୍ତି। ଏହାରି ମଧ୍ୟରେ ସୁରକ୍ଷାକର୍ମୀଙ୍କୁ ବଡ଼ଧରଣର ସଫଳତା ମିଳିଛି। ସୁରକ୍ଷାବଳଙ୍କ ଗୁଳିରେ ୭ ଜଣ ନକ୍ସଲ ନିପାତ ହୋଇଛନ୍ତି। ଦାନ୍ତେୱାଡା ଏସ୍‌ପି ଗୌରବ ରାୟ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। ଗଣମାଧ୍ୟମକୁ ହସ୍ତଗତ ହୋଇଥିବା ଖବର ଅନୁସାରେ ନାରାୟଣପୁର-ଦାନ୍ତେୱାଡା ସୀମାରେ ଏହି ଏନ୍‌କାଉଣ୍ଟର ହୋଇଛି। କୁହାଯାଉଛି ଯେ, ୧୦୦୦ରୁ ଅଧିକ ଯବାନ ନକ୍ସଲ ଅଞ୍ଚଳରେ ପ୍ରବେଶ କରିଥିଲେ। ଏହି ସମୟରେ ଯବାନଙ୍କୁ ଦେଖି ନକ୍ସଲମାନେ ବିଚଳିତ ହୋଇ ଉଠିଥିଲେ। ନକ୍ସଲମାନେ ପ୍ରଥମେ ଗୁଳି କରିଥିଲେ, ଯାହାର ଜବାବ ସେମାନେ ପାଇଥିଲେ। ଏହାପୂର୍ବରୁ ଖବର ଥିଲା ପୁଲିସ ଗୁଳିରେ ଜଣେ ଯବାନ *(ପୃଷ୍ଠା ୭ରେ)*

# ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ପାଇଁ ୩୪୯ପ୍ରାର୍ଥୀଙ୍କ ମଧ୍ୟରୁ ୧୨୧ ଜଣ କୋଟିପତି




**ଭୁବନେଶ୍ୱର, ୨୩/୦୫**
**ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ଚତୁର୍ଥ ତଥା ଅନ୍ତିମ ପର୍ଯ୍ୟାୟ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି ମୋଟ୍ ୩୪୯ପ୍ରାର୍ଥୀ । ଏମାନଙ୍କ ମଧ୍ୟରୁ ୮୮ଜଣଙ୍କ ନାଁରେ ରହିଛି ଜଘନ୍ୟ ଅପରାଧିକ ମାମଲା । ୧୭ଜଣ ପ୍ରାର୍ଥୀଙ୍କ ନାଁରେ ହତ୍ୟା ଉଦ୍ୟମ ମାମଲା ରହିଥିବା ବେଳେ ୨ଜଣଙ୍କ ନାରେ ଦୁଷ୍କର୍ମ ମାମଲା ରହିଛି। ସେହିପରି ୩୪୯ପ୍ରାର୍ଥୀଙ୍କ ମଧ୍ୟରୁ ୧୨୧ଜଣ କୋଟିପତି ପ୍ରାର୍ଥୀ ରହିଛନ୍ତି । ବିଜେଡିର ବସ୍ତା ପ୍ରାର୍ଥୀ ଶୁଭାଷିନୀ ଜେନା ହେଉଛନ୍ତି ସବୁଠାରୁ ଧନୀ ପ୍ରାର୍ଥୀ । ତାଙ୍କର ୧୩୫କୋଟି ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ରହିଛି । ସେହିପରି ମୟୂରଭଞ୍ଜ ଉଦଳାର ସ୍ୱାଧୀନ ପ୍ରାର୍ଥୀ ବେଣୁଧର ମହାପାତ୍ର ସବୁଠାରୁ ଗରିବ ପ୍ରାର୍ଥୀ ହୋଇଥିବା ବେଳେ *(ପୃଷ୍ଠା ୭ରେ)*




ସମ୍ପାଦକୀୟ
30 YEARS
ସମ୍ବାଦ କଳିକା

# ଗାଁରେ ଦରଦାମ୍ ଚାପ ଅଧିକ

ଶସ୍ୟଭିତ୍ତିକ ଜିନିଷର ମୂଲ୍ୟ ବଢ଼ିଛି। ଗ୍ରାମାଞ୍ଚଳରେ ବାସ କରୁଥିବା ଲୋକମାନଙ୍କୁ ଅଧିକ ଦାମ୍ ଦେଇ ଜିନିଷ କିଣିବାକୁ ପଡୁଛି। ତାହାର ପ୍ରଭାବରେ ଚଳିତ ବର୍ଷରେ ଓଡ଼ିଶାର ଖୁଚୁରା ମୁଦ୍ରାସ୍ଫୀତି ହାର ୭.୫୫ ପ୍ରତିଶତ ରହିଛି। ଚଳିତ ବର୍ଷ ଜାତୀୟ ଖୁଚୁରା ମୁଦ୍ରାସ୍ଫୀତି ହାର ୫.୦୯ ପ୍ରତିଶତକୁ ହ୍ରାସ ପାଇଛି। ଓଡ଼ିଶାର ମୁଦ୍ରାସ୍ଫୀତି ତା'ଠାରୁ ପ୍ରାୟ ୨.୫% ଅଧିକ ରହୁଛି। ଓଡ଼ିଶା ବ୍ୟତୀତ ତେଲେଙ୍ଗାନା (୬.୭୧%), ହରିୟାଣା (୬.୨୮%), ଆସାମ (୬.୦୨%), ଆନ୍ଧ୍ରପ୍ରଦେଶ (୫.୬୬%), ଗୁଜରାଟ (୫.୩୯%), ଝାଡ଼ଖଣ୍ଡ (୫.୮୫%) ଏବଂ କର୍ଣ୍ଣାଟକରେ (୫.୭୪%) ଖୁଚୁରା ମୁଦ୍ରାସ୍ଫୀତି ହାର ଅଧିକ ରହିଛି। ତଥ୍ୟ ଅନୁଶୀଳନରୁ ଜଣାପଡ଼ିଛି ଯେ ସହରାଞ୍ଚଳ ତୁଳନାରେ ଗ୍ରାମାଞ୍ଚଳ ଉପରେ ଦରଦାମ୍ର ଅଧିକ ଚାପ ରହିଛି। ଜାନୁଆରିରେ ସ୍ଥିତି ଓଲଟା ଥିଲା। ଜାନୁଆରିରେ ଗ୍ରାମାଞ୍ଚଳର ଖୁଚୁରା ମୁଦ୍ରାସ୍ଫୀତି ହାର ୬.୪୭ ପ୍ରତିଶତ ଥିଲା ଯାହା ଫେବ୍ରୁଆରିରେ ୭.୬୦ ପ୍ରତିଶତକୁ ବୃଦ୍ଧି ପାଇଛି। ସେହି ସମୟରେ ସହରାଞ୍ଚଳର ଖୁଚୁରା ମୁଦ୍ରାସ୍ଫୀତି ହାର ୭.୭୬ ପ୍ରତିଶତରୁ ହ୍ରାସ ପାଇ ୭.୩୨ ପ୍ରତିଶତ ହୋଇଛି। ଏ ସମ୍ପର୍କରେ ଅର୍ଥନୀତିଜ୍ଞ ପ୍ରଭାସ ମିଶ୍ର କହିଛନ୍ତି ଯେ ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଖାଦ୍ୟଶସ୍ୟ ଦାମ୍ ଅଧିକ ରହିଛି। କିନ୍ତୁ ଗ୍ରାମାଞ୍ଚଳରେ ଦରଦାମ୍ ବଢ଼ିବା ଅର୍ଥନୀତି ପାଇଁ ଶୁଭଙ୍କର ନୁହେଁ। ସହରାଞ୍ଚଳରେ ଲୋକମାନେ ମୁଖ୍ୟତଃ ପ୍ୟାକେଟ୍ ଖାଦ୍ୟ ଖାଇଥାଆନ୍ତି। ସେଠାରେ ଦର ବଢ଼ିଲେ ମାନୁଫାକ୍ଚରିଂ କ୍ଷେତ୍ର ଉପରେ ଚାପ ରହିଛି ବୋଲି ଧରିନିଆଯାଏ। ଉତ୍ପାଦନ ବଢ଼ିଲେ ସ୍ଥିତିରେ ସୁଧାର ହୋଇଥାଏ। କିନ୍ତୁ ଗ୍ରାମାଞ୍ଚଳରେ ଦରଦାମ୍ ଅଧିକ ରହିବାର ଅର୍ଥ ହେଉଛି କୃଷି କ୍ଷେତ୍ର ଉପରେ ଚାପ ରହିଛି। କୌଣସି ପର୍ବପର୍ବାଣି ନଥିବା ସତ୍ତ୍ୱେ ଗାଁରେ ଦରଦାମ୍ ବଢ଼ିବା ଚିନ୍ତାର ବିଷୟ ବୋଲି ସେ କହିଛନ୍ତି। ସେହିପରି, ଓଡ଼ିଶା ଅର୍ଥନୈତିକ ସଂଘର ସଚିବ ଅମରେନ୍ଦ୍ର ଦାସ କହିଛନ୍ତି ଯେ ରାଜ୍ୟର ଗ୍ରାମାଞ୍ଚଳରେ କମ୍ ଫଳ ଓ ପନିପରିବା ଉତ୍ପାଦନ ହେଉଛି। ସେଥିପାଇଁ ଆମକୁ ବିଭିନ୍ନ ଖାଦ୍ୟ ସାମଗ୍ରୀ ଲାଗି ଅନ୍ୟ ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଛି। ମାତ୍ର ବାହାରେ ରହି କାମ କରୁଥିବା ଲୋକମାନେ ଟଙ୍କା ପଠାଉଥିବା ବେଳେ ସାଧାରଣ ବଣ୍ଟନ ବ୍ୟବସ୍ଥା ଜରିଆରେ ଖାଦ୍ୟଶସ୍ୟ ମିଳୁଥିବାରୁ ଉପଯୋଗିତା ଅଧିକ ରହିଛି। ଗ୍ରାମାଞ୍ଚଳ ତୁଳନାରେ ସହରାଞ୍ଚଳରେ ଯୋଗାଣ ଶୃଙ୍ଖଳ ଅଧିକ ସୁଦୃଢ଼। ସେଥିପାଇଁ ଗ୍ରାମାଞ୍ଚଳରେ ଦରଦାମ୍ ଅଧିକ ରହୁଥିବା ସେ କହିଛନ୍ତି। ଓଡ଼ିଶାର ଖୁଚୁରା ମୁଦ୍ରାସ୍ଫୀତି ହାର କ୍ରମାଗତ ଭାବେ ଦେଶରେ ସର୍ବାଧିକ ରହୁଛି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ


ଶ୍ରୀ ଅଭିରାମ ସରସ୍ୱତୀ

### ସତ୍ୟ ଭାଗବତ

ପ୍ରଥମ ଅଧ୍ୟାୟ

ଓଁ

'ଜୟନ୍ତୀ, ମଙ୍ଗଳା, କାଳୀ,
ଭଦ୍ରକାଳୀ କପାଳିନୀ
ଦୁର୍ଗା, କ୍ଷମା, ଶିବା, ଧାତ୍ରୀ
ସ୍ୱହା ସ୍ୱଧା ନମସ୍ତୁତେ ।'

**ସତ୍ୟ ପାଶେ ଶାନ୍ତି ଦେଲ**
**ଦୟା ପାଶେ କ୍ଷମା ଦେଲ**
**ନାମ ଥୋଇ ଅନାମକୁ**
**ଗୁପତ କରିଲ**
**ହେ ପ୍ରଭୁ ଜଗତନାଥ**
**ମୁଁ**
**କୁହାର କୁହ (୫)**

**ସବୁ ଦେଇ ଶୂନ୍ୟ କଲ**
**ଶୂନ୍ୟ ବ୍ରହ୍ମ ବୋଲାଇଲ**
**ସେ ଶୂନ୍ୟ ବ୍ରହ୍ମ ପଦ୍ମକୁ**
**ଅଭିକି ନ ଦେଲ**
**ହେ ପ୍ରଭୁ ଜଗତନାଥ**
**ମୁଁ**
**କାହାର କୁହ (୬)**

ତୁଳି ସିନା ମୂଳପଥ
ଆଉ ସବୁ ମାୟା
ତୋ ପାଦକୁ ଛାଡିଦେଲେ
ଭକ୍ତ ଭାବେ ବାୟା (୭)

ତୋର ନାମ ତୋରଜ୍ଞାନ
ହୃଦୟରେ ଦେବୁ
ଉଡା କଥା ମାନ ମୋର
କର୍ଣ୍ଣରେ ନଦେବୁ (୮)

ଆଉ ନାହିଁ ବେଳ କାଳ
ଭଜିବାର ପାଇଁ
ଭକତଙ୍କୁ ଅସ୍ତ ବ୍ୟସ୍ତ
କଳା କରୁଥାଇ (୯)

ତେଣୁ କରି ଏବିପଦେ
ଡାକେ ମାଆ ବୋଲି
ତୋ ଭକ୍ତକୁ ରକ୍ଷାକର
ବଣତ ବଢାଇ (୧୦)

ଜୀବ ଜଗତେ ସ୍ଥିରତା
ଟିକେ ହେଲେ ନାହିଁ
ଅସ୍ଥିର ପରାୟେ ମନ
ତାଙ୍କର ହୁଅଇ (୧୧)

ତେଣୁ କରି ତୋର ପାଦେ
କରୁଛି ଗୁହାରି
ନିମିଷକେ ନାଶ କରି
ଭକତ ଅଇରି (୧୨)
(କ୍ରମଶଃ)

# ଭବିତବ୍ୟ ଯାହା ଅବଶ୍ୟ ଘଟିବ-୩୭



ସୁଧାଂଶୁ ମୋହନ ଶତପଥୀ
ଶ୍ରୀରାମ ଭବନ, ଚଟୁଆ
କୁଜଙ୍ଗ, ଜଗତସିଂହପୁର
ମୋ-୯୬୬୮୨୯୮୪୯୪

ବଶିଷ୍ଠ ଅତ୍ୟନ୍ତ ଧୈର୍ଯ୍ୟଶୀଳ, ଅସୀମ କଷ୍ଟ ସହିଷ୍ଣୁ, ବିବେକବନ୍ତ, ପ୍ରତିକୂଳ ପରିସ୍ଥିତିକୁ ଅତିକ୍ରମ କରିବାର ଦୁର୍ବାର ସାହସ ତାଙ୍କର ଯେତିକି ରହିଛି ସମ୍ଭବତଃ ଅନ୍ୟ କୌଣସି ତପସ୍ୱୀ ମାନଙ୍କ ମଧ୍ୟରେ ଦେଖାଯାଏ ନାହିଁ। କିନ୍ତୁ ଏ ସମସ୍ତ ଗୁଣର ପରିପୂର୍ଣ୍ଣତା ସତ୍ତ୍ୱେ ସେ ଆଜି ସ୍ଥାଣୁ ପ୍ରାୟ ହୋଇ ଯାଇଛନ୍ତି। ତାଙ୍କ ଜୀବନରେ ଏପରି ସବୁ ହୃଦୟ ବିଦାରକ ପରିସ୍ଥିତି ସବୁ ଘଟି ଯାଇଛି ତାଙ୍କୁ ବର୍ଣ୍ଣନା କରି ହେବ ନାହିଁ। ଆଜି କିନ୍ତୁ ନିରୂପାୟ ହୋଇ ଆଖିରୁ ଲୁହ ଝରାଇବା ବ୍ୟତୀତ ଅନ୍ୟ କିଛି ଉପାୟ ଖୋଜି ପାଇ ପାରୁନାହାନ୍ତି। ମଣିଷ ଜୀବନରେ ଏପରି ପରିସ୍ଥିତି ସବୁ ଆସେ ଆଉ ସେ ପରିସ୍ଥିତି ମଣିଷର ସର୍ବନାଶ କରିଦିଏ। ଏହି କଥା ଚିନ୍ତା କଲା ବେଳକୁ ତାଙ୍କୁ ଏହି ଦୁନିଆଟା କିପରି ବିଷାକ୍ତ ଭଳି ଦୃଶ୍ୟମାନ ହେଉଛି, ଭାବୁଛନ୍ତି ଏହି ମୁହୂର୍ତ୍ତରେ ତାଙ୍କର ଜୀବନଟା ଛାଡି ଯାଆନ୍ତା ସେ ହୁଏତ ଏସବୁ ଦୃଶ୍ୟ ଦେଖିବାକୁ ତାଙ୍କୁ ପଡନ୍ତା ନାହିଁ। ସେ ମନେ ମନେ ସ୍ମରଣ କରୁଛନ୍ତି ଅନେକ ବିପତ୍ତିକୁ ଆଉ ଏପଟେ ଚାହିଁଛନ୍ତି ଇକ୍ଷାକୁ ବଂଶର ସର୍ବଶ୍ରେଷ୍ଠ ପୂର୍ଣ୍ଣ ପୁରୁଷ ପୁରୁଷୋତ୍ତମ ଶ୍ରୀରାମ ଚନ୍ଦ୍ରଙ୍କ ମୁଖ ମଣ୍ଡଳକୁ ପ୍ରତିଟି କ୍ଷଣ ଶ୍ରୀରାମ ବିଗଳିତ ହୋଇ ପଡୁଛନ୍ତି। ଦୁର୍ବାସାଙ୍କୁ ବିଦାୟ ଦେବା ପରେ ସେ ଏପରି ଅଶ୍ରୁପାତ କରୁଛନ୍ତି ଯେ ସେଲୁହର ବର୍ଷା ଥମିବାର ଧରୁନି। ସେ ଜୀବୀତ କି ମୃତ ନିଜେବି ଜାଣି ପାରୁନାହାନ୍ତି। ସେ ବିଚାର ଦେବେ କ'ଣ। ସବୁ ସେହି ବଶିଷ୍ଠ କରିବେ। ପ୍ରତ୍ୟୁଷରୁ ଉଠିଲେ କୁଳଗୁରୁଙ୍କୁ ଡକାଅ। କୁଳଗୁରୁ ଯାହା କହିବେ, ସେହି ଅନୁସାରେ କାମ କରିବେ। ଶ୍ରୀରାମଙ୍କର ଏହି ଅଭ୍ୟାସଟା ତାଙ୍କର ପିତା ଦଶରଥଙ୍କ ମୃତ୍ୟୁପରେ ଅତ୍ୟନ୍ତ ପ୍ରଗାଢ ହୋଇଗଲା। ଏମିତି ହୋଇଗଲା ଯେ, ବଶିଷ୍ଠ ଯେଉଁଠି କହିବେ ବସିବାକୁ, ସେହି ଠାରେ ବସିବେ, ଯେଉଁଠି କହିବେ ଉଠିବାକୁ ସେହିଠାରୁ ଉଠିବେ। ତେବେ ଏପରିସ୍ଥିତିରେ ସେ କେଉଁ ପରାମର୍ଶ ଦେବେ ଶ୍ରୀରାମଙ୍କୁ। ବଶିଷ୍ଠଙ୍କର କଣ୍ଠ ଶୁଷ୍କ ଆଉ ଅସ୍ପଷ୍ଟ ହୋଇ ଆସୁଥିଲା। ଶ୍ରୀରାମଙ୍କ ରାଜଦରବାରରେ ସମ୍ମିଳିତ ହୋଇଥିବା ସମସ୍ତ ମୁନି ଋଷି, ବ୍ରାହ୍ମଣ ଏବଂ ଅଯୋଧ୍ୟାର ପ୍ରଜାଗଣ ଚାହିଁ ରହିଥାନ୍ତି ଅତ୍ୟନ୍ତ ଉତ୍କଣ୍ଠାର ସହ ବଶିଷ୍ଠଙ୍କ ମୁଖ୍ୟମଣ୍ଡଳକୁ। ଧୀରେ ଅସ୍ତାଚଳଗାମୀ ସୂର୍ଯ୍ୟକିରଣ କିପରି ଏକ ବିଚିତ୍ର ବର୍ଣ୍ଣ ବିଭା ସୃଷ୍ଟି କରି ଶ୍ରୀରାମଙ୍କ ମୁଖମଣ୍ଡଳକୁ ଆଚ୍ଛନ୍ନ କରିସାରିଲେଣି। ବାଲ୍ମିକିଙ୍କ ସମ୍ମୁଖ ଭାଗରେ ଲକ୍ଷ୍ମଣ ଦଣ୍ଡାୟମାନ ହୋଇ ଶ୍ରୀରାମଙ୍କ ମୁହଁକୁ ଚାହିଁ କେତେ ଯେ କ'ଣ ଭାବି ଚାଲିଛନ୍ତି ତାହାର କଳ୍ପନା କେହି କରିପାରିବେନି। ହନୁମାନ ଯେଉଁ ଅତୀତର ସ୍ମୃତି ଚାରଣ କରି ଅଶ୍ରୁତର୍ପଣ କରୁଥିଲେ ଠିକ୍ ସେହି ଭଳି ଲକ୍ଷ୍ମଣଙ୍କର ଅବସ୍ଥା। ବହୁ ବିଚିତ୍ର ଦୃଶ୍ୟ ଗୁଡାକ ସବୁ ଅଯୋଧ୍ୟାକୁ କବଳିତ କରୁଥିବା ପରି ଜଣା ପଡୁଥାଏ। ସରଜୁ ନଦୀର ପୃଷ୍ଠ ଦେଶରୁ ବହି ଆସୁଥିଲା ଶୀତଳ ସମୀରଣ। ଉପସ୍ଥିତ ପ୍ରଜାଗଣ କେତେକେତେ ଭାବାବେଗକୁ ନେଇ ଚିନ୍ତା କରୁଥାନ୍ତି ଶ୍ରୀରାମଙ୍କ ଦରବାରରେ ଏହାଥିଲା ଅନନ୍ୟ ବିରଳ ପୃଷ୍ଠଭୂମି। ସତେ ଯେପରି ପୃଥିବୀ ପୃଷ୍ଠରେ ଏପରି ଏକ ହୃଦୟ ବିଦାରକ ବାତାବରଣ ସୃଷ୍ଟି ହୋଇଯାଉଛି, ଯାହାକୁ ନା କେହି ବର୍ଣ୍ଣନା କରି ପାରିବେ ନା ଦେଖିବା ପାଇଁ ଧୈର୍ଯ୍ୟଧରି ଦଣ୍ଡାୟମାନ ହୋଇ ରହିପାରିବେ। ବେଳକୁ ବେଳ ବଡ ବିଷମ ପରିସ୍ଥିତି ପହଞ୍ଚିଗଲାଣି ଅଯୋଧ୍ୟା ମହାନଗରୀରେ । କେଉଁ ଭରସା ଓ ବିଶ୍ୱାସ ଦେବେ ବଶିଷ୍ଠ। ବଶିଷ୍ଠଙ୍କ ଉପରେ ନିର୍ଭର କରୁଛି ଲକ୍ଷ୍ମଣଙ୍କର ଜୀବନ ଆଉ ମୃତ୍ୟୁ। କ'ଣ କରିବେ ଶ୍ରୀରାମଙ୍କୁ। ଆଉ କେହି ମଧ୍ୟ ବିଚାର କରିପାରିବେନି, ଆଉ କୌଣସି ମହର୍ଷି ବିଚାର, ଦେଲେ ବି ଏଠାରେ କାମ କରିବନି। ରାଜ ସଭାରେ ଉପସ୍ଥିତ ଥିବା ପ୍ରଜାମାନେ ଲକ୍ଷ୍ମଣଙ୍କର ପ୍ରାଣହାନି ଘଟିବ ବୋଲି ଆତଙ୍କିତ ଅବସ୍ଥାରେ ପହଞ୍ଚିଲେଣି। ଅଯୋଧ୍ୟାରେ ସମସ୍ତ ପ୍ରଜାମାନଙ୍କର ଲକ୍ଷ୍ମଣ ହେଉଛନ୍ତି ପ୍ରାଣର ପ୍ରତିମା, ରୋଗ, ଶୋକ, ଦୁଃଖ କ୍ଲେଶ ବେଳେ ଲକ୍ଷ୍ମଣ ହେଉଛନ୍ତି ଏକମାତ୍ର ଭରସା। ପ୍ରତି ପ୍ରଜାଙ୍କର ନିଃଶ୍ୱାସ ପ୍ରଶ୍ୱାସର ଏକମାତ୍ର ଆସ୍ଥା ହେଉଛନ୍ତି ଲକ୍ଷ୍ମଣ। ବଡ ବିକଳ ଦୃଷ୍ଟିରେ ଚାହୁଁଛନ୍ତି ବଶିଷ୍ଠ ସମସ୍ତ ମୁନି, ଋଷି ଓ ପ୍ରଜାମାନଙ୍କର ମୁହଁକୁ। କାହାରି ମୁଖରୁ ପଦେ ହେଲେ କଥା ବାହାରି ପାରୁନି। ଗୋଟାଏ ଅତି ବିଚିତ୍ର ଦୃଶ୍ୟ ସମସ୍ତଙ୍କ ଦୃଷ୍ଟିକୁ ସ୍ତବ୍ଧ କରି ଦେବାଭଳି ପରିଲକ୍ଷିତ ହେଉଥାଏ। ସେହି ଦୃଶ୍ୟକୁ ଅବଲୋକନ କରି ମହର୍ଷି ବିଶ୍ୱାମିତ୍ର ଏଭଳି ନିର୍ବାକ ଓ ଭାବନା ମଗ୍ନ ହୋଇଯାଇଥାନ୍ତି ଯେ ତାଙ୍କୁ ଦେଖିଲେ ଯେ କେହି ଭାବିବ ବିଶ୍ୱାମିତ୍ରଙ୍କ ଦେହରେ ଜୀବନ ନାହିଁ। ସେ ଦେଖୁଛନ୍ତି ଭଗବାନ ତାଙ୍କର ଅତିପ୍ରିୟ ଶିଷ୍ୟ ପର୍ଶୁରାମ ଲକ୍ଷ୍ମଣଙ୍କୁ ଆଲିଙ୍ଗନ କରି କେତେ ଯେ ବିକଳ ହୋଇ କାନ୍ଦୁଛନ୍ତି ତାକୁ ଦେଖିଲେ ଯେ କୌଣସି ମଣିଷର ହୃଦୟ ଫାଟିଯିବ। ବିଶ୍ୱାମିତ୍ର ବିଶ୍ୱର ଏହି ବିରଳତମ ଦୃଶ୍ୟକୁ ଦେଖି ଭାବନାରେ ଡୁବି ରହିଛନ୍ତି। ତାଙ୍କ ସହିତ ଅତୀତରେ ଘଟିଯାଇଥିବା ଅତ୍ୟନ୍ତ ଭୟାନକ ଘଟଣାବଳିକୁ ସ୍ମରଣ କରି ସେ ବାରମ୍ବାର ସ୍ତବ୍ଧ ହୋଇ ପଡିଛନ୍ତି। ସମସ୍ତ ଅଙ୍ଗେନିଭା ଘଟଣା ଗୁଡାକ ଆଜି ବିଶ୍ୱାମିତ୍ରଙ୍କର ହୃଦୟକୁ ବିଭିନ୍ନ ଭାବରେ ଆଚ୍ଛନ୍ନ କରି ଦେଇଛି। ଓଃ ! କି ଭୟାନକ ଅବସ୍ଥା କରି ଦେଇଥିଲେ ଏ ଯମଦଗ୍ନୀଙ୍କ ପୁତ୍ର ପର୍ଶୁରାମ। ଜନକ ପୁରୀରେ। ଜନକ ପୁରୀରେ ଶ୍ରୀରାମ, ଲକ୍ଷ୍ମଣ, ଭରତ, ଶତ୍ରୁଘ୍ନଙ୍କ ବିବାହ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଥାଏ। ଶ୍ରୀରାମଙ୍କ ସହିତ ସୀତା, ଭରତଙ୍କ ସହିତ ମାଣ୍ଡବୀ, ଲକ୍ଷ୍ମଣଙ୍କ ସହିତ ଉର୍ମିଳା, ଶତ୍ରୁଘ୍ନଙ୍କ ସହିତ ଶ୍ରୁତିକିର୍ତ୍ତୀଙ୍କର ପାଣି ଗ୍ରହଣ ବିବାହ କାର୍ଯ୍ୟ ପ୍ରାୟ ସମାପ୍ତ ହୋଇଯାଇଥିଲା। ରାଜକୁମାର ମାନେ ନିଜ ନିଜର ପତ୍ନୀମାନଙ୍କୁ ସାଥିରେ ସୁସଜ୍ଜିତ ରଥ ଆରୋହଣ କରି ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ କରିବାର ସମୟ ଉପସ୍ଥିତ ହୋଇଯାଇଥାଏ। ନିମନ୍ତ୍ରିତ ସମସ୍ତ ରାଜା, ମହାରାଜା, ଚକ୍ରବର୍ତ୍ତୀ, ମୁନି,ଋଷି, ସନ୍ନ୍ୟାସୀ, ବ୍ରାହ୍ମଣ ଓ ମିଥିଳାର ସମସ୍ତ ପ୍ରଜା ଅତି ଆନନ୍ଦରେ ଭୋଜନ ସମାପ୍ତ କରି ନିଜ ନିଜର ଘରକୁ ଫେରୁଥାନ୍ତି। ଅଯୋଧ୍ୟା ନରେଶ ଦଶରଥଙ୍କ ସମେତ ଚାରି ରାଜକୁମାର ଏବଂ ଲକ୍ଷ୍ମୀ ପ୍ରତିମା ପରି ଚାରି ନବ ବଧୂ ଅଯୋଧ୍ୟା ଫେରିବାର ସମୟ ଉପସ୍ଥିତ ହୋଇଯାଇଥାଏ। ଦଶରଥ ସେଦିନ ଏତେ ଆନନ୍ଦିତ ହୋଇଯାଇ ଥାନ୍ତି ଯେ, ସମ୍ଭବତଃ ସେଭଳି ଦୁର୍ଲ୍ଲଭ ମୁହୂର୍ତ୍ତ କେବେବି ବିଶ୍ୱାମିତ୍ର ନିଜ ଆଖିରେ ଦେଖି ନାହାନ୍ତି। (କ୍ରମଶଃ)

# ବୁଦ୍ଧ ପୂର୍ଣ୍ଣିମା ଏକ ଅବଲୋକନ



ବିଷ୍ଣୁ ପ୍ରସାଦ ଦାସ
ବରିଷ୍ଠ ନାଗରିକ
ସ୍ନେହ କୁଟୀର
ଝାଞ୍ଜିରୀ ମଙ୍ଗଳା
ମୋ: ୯୯୩୭୧୭୪୦୯୭

ଖ୍ରୀଷ୍ଟ ପୂର୍ବ ୫୬୩ ପବିତ୍ର ବୈଶାଖ ପୂର୍ଣ୍ଣିମା ତିଥି, ସେଦିନ ପୃଥିବୀ ପୃଷ୍ଠରେ ହଜାର ହଜାର ଶିଶୁ ଜନ୍ମ ନେଇଥିଲେ , କିନ୍ତୁ ତନ୍ମଧ୍ୟରୁ ଆମେ ଜଣଙ୍କୁ ଆଜି ମନେ ରଖିଛୁ ଆଗକୁ ମଧ୍ୟ ମନେ ରଖିଥିବୁ । କାଳର କରାଳ ଗତିରେ ଅନେକ କିଛି ଆସେ ଆଉ ଲୀନ ହୋଇଯାଏ , ଯେଉଁମାନେ ଯୁଗଜନ୍ମା , ସମାଜର ତ୍ରାଣକର୍ତ୍ତା , ଯାହାଙ୍କ ବାଣୀ ଦ୍ୱାରା ଆମେ ଚିରନ୍ତନ ସତ୍ୟର ସାମ୍ନା କରି ପାରୁଛୁ, ଆଧ୍ୟାତ୍ମିକ ଜ୍ଞାନର ଅଧିକାରୀ ହୋଇ ପାରୁଛୁ ତା'ଙ୍କର ପଦାନୁସରଣ କରି ଆଜି ଲକ୍ଷ ଲକ୍ଷ ଅନୁଗାମୀ ଶାନ୍ତି , ମୈତ୍ରୀ ତଥା ଶୃଙ୍ଖଳିତ ନିରାମୟ ଜୀବନଚର୍ଯ୍ୟା କରୁଛନ୍ତି । ଏହି ଶିଶୁ ଉଜ୍ଜଳ ନକ୍ଷତ୍ରଟି ନେପାଳ ଦେଶରର 'ଲୁମ୍ବିନି' ଠାରେ ଶାକ୍ୟ ବଂଶର ରାଜା ଶୁଦ୍ଧୋଦନ ଓ ରାଣୀ ମାୟା ଦେବୀଙ୍କ ଔରସରୁ ଜନ୍ମ ଗ୍ରହଣ କରିଥିଲେ , ରାଜପରିବାର ପୁତ୍ର ସନ୍ତାନ ପ୍ରାପ୍ତି ଖବର ପ୍ରଚାରିତ ହେବା ପରେ ରାଜ୍ୟ ବାସୀ ନିଜ ଭାବି ରାଜାଙ୍କୁ ଦର୍ଶନ କରି ଅନେକ ଉପହାର ଦେଇଥିଲେ । ମହା ଆଡମ୍ବର ସହକାରେ ରାଜପରିବାରର ନୂତନ ସଦସ୍ୟ ତଥା ରାଜ କୁମାରଙ୍କ ନାମ କରଣ ହୋଇଥିଲା । ସେ 'ସିଦ୍ଧାର୍ଥ ଗୌତମ' ନାମରେ ପରିଚିତ ଥିଲେ, ବିଧିର ବିଡମ୍ବନା ଗୌତମଙ୍କ ଜନ୍ମର ସପ୍ତମ ଦିନ ତା'ଙ୍କ ମାତୃ ବିୟୋଗ ଘଟିଲା, ରାଜା ଶୁଦ୍ଧୋଦନ ଗୌତମଙ୍କ ଲାଳନ ପାଳନ ଦାୟିତ୍ୱ ସ୍ୱର୍ଗତ ମାୟା ଦେବୀଙ୍କ ଭଗ୍ନୀ ଗୌତମୀଙ୍କୁ ଦେଇଥିଲେ । ରାଜଜ୍ୟୋତିଷ ଯେଉଁଦିନ ଗୌତମଙ୍କ ଜାତକ ପ୍ରସ୍ତୁତ କଲେ ସେ ରାଜାଙ୍କୁ ଜଣାଇଥିଲେ ଯେ, ଗୌତମଙ୍କ 'ସନ୍ୟାସୀ' ହେବାର ଯୋଗ ଅଛି। ରାଜା ଜ୍ୟୋତିଷଙ୍କ ଗଣନାକୁ ନଜରରେ ରଖି ଶିଶୁ ପୁତ୍ରକୁ ସଂସାର ଜଞ୍ଜାଳ ଠାରୁ ଦୁରେଇ ରଖିବାକୁ ଆପ୍ରାଣ ଚେଷ୍ଟା କରିଥିଲେ।

ବାଳୁତ ଗୌତମଙ୍କ ବାଲ୍ୟାବସ୍ଥା ଯାଇ କୈଶୋର ଅବସ୍ଥା ଆସିବାପରେ ସେ ଅନେକ ସମୟରେ ଖୁବ୍ ଚିନ୍ତିତ ଥିବା ପରି ମନେ ହେଉଥିଲେ , ରାଜା ଶୁଦ୍ଧୋଦନ ପୁତ୍ରର ଏହିସବୁ ବ୍ୟତିକ୍ରମ ଅବଲୋକନ କରି ଶେଷରେ ୧୬ ବର୍ଷ ବୟଷରେ ଯଶୋଧାରା ନାମୀ ରାଜକନ୍ୟା ସହିତ ଗୌତମଙ୍କୁ ବିବାହ ବନ୍ଧନରେ ଆବଦ୍ଧ କରି ଦେଇଥିଲେ , ତା'ଙ୍କର ଆଶା ଥିଲା ପୁତ୍ର ବୈବାହିକ ଜୀବନ ସହିତ ଜଡିତ ହୋଇ ନିଜ ଚିନ୍ତାଧାରା ପରିବର୍ତ୍ତନ କରିପାରିବ ଏବଂ ଜ୍ୟୋତିଷଙ୍କ ଭବିଷ୍ୟ ବାଣୀକୁ ମଧ୍ୟ ବଦଳାଇ ଦେଇ ହେବ। ସାଂସାରିକ ସୁଖ ତା'ଙ୍କୁ ବାନ୍ଧି ରଖି ପାରିନଥିଲା , ତା'ଙ୍କ ଔରସରୁ ପୁତ୍ର ସନ୍ତାନଟିଏ ମଧ୍ୟ ଜନ୍ମ ଗ୍ରହଣ କରିଥିଲା ଏବଂ ତାଙ୍କ ପୁତ୍ର ରାହୁଲ ନାମରେ ପରିଚିତ ହେଲେ। ଏକଦା ହସ୍ତୀ ପୃଷ୍ଠରେ ନଗର ପରିଭ୍ରମଣ କରିବା ସମୟରେ ଗୌତମଙ୍କୁ ଚାରୋଟି ଦୃଶ୍ୟ ସଂସାର ବିଷୟରେ ବିତୃଷ୍ଣା ଆଣିବାର କାରଣ ହୋଇ ଥିଲା ତାହା ହେଲା (୧) ବୃଦ୍ଧାବସ୍ଥା , (୨) ରୋଗଗ୍ରସ୍ତ ମାନବ (୩) ଶବ (୪) ସନ୍ୟାସୀ । ଚାରୋଟି ଅବସ୍ଥାକୁ ପୁଙ୍ଖାନୁପୁଙ୍ଖ ତର୍ଜମା କରି ଶେଷରେ ଗୌତମ 'ସନ୍ୟାସୀ' ହେବାପାଇଁ ମନସ୍ଥ କରିଥିଲେ । ଗୌତମ ୨୯ ବର୍ଷ ବୟସରେ ରାଜପ୍ରାସାଦର ବିଳାସପୂର୍ଣ୍ଣ ଜୀବନ ତଥା ଯଶୋଧାରା ଆଉ ନିଜର ପ୍ରିୟ ପୁତ୍ର ରାହୁଲଙ୍କୁ ଛାଡ଼ି ଚିରଦିନ ପାଇଁ ସନ୍ୟାସୀ ହୋଇ ଚାଲି ଆସିଥିଲେ। ସନ୍ୟାସ ଜୀବନରେ ଅନେକ ଘାତ ପ୍ରତିଘାତ ସହି ନିଜର ଲକ୍ଷ୍ୟ ପୁରଣ ପାଇଁ ସର୍ବଦା ଚେଷ୍ଟିତ ଥିଲେ , ମଗଧ ରାଜ୍ୟର ରାଜଧାନୀ ରାଜଗିରି ଗୁମ୍ଫାରେ କିଛିଦିନ ଧ୍ୟାନ ତଥା ବୋଧଗୟା ଠାରେ ଛଅ ବର୍ଷ କଠୋର ତପସ୍ୟା ତା'ଙ୍କୁ ସେମିତି କିଛି ସନ୍ତୁଷ୍ଟ କରି ପାରିନଥିଲା । ଶେଷରେ ବୋଧଗୟା ନିକଟସ୍ଥ ନିରଞ୍ଜନା ନାମକ ନଦୀ (ଯାହାକି ଫଲ୍ଗୁ ନଦୀ ନାମରେ ପରିଚିତ) ତୀରରେ ଅବସ୍ଥିତ ଏକ ବିଶାଳ ଅଶ୍ୱସ୍ଥ ବୃକ୍ଷ ମୂଳେ ୪୯ ଦିନ ଗଭୀର ଧ୍ୟାନରେ ବସିବା ପରେ ତାଙ୍କୁ ୩୫ ବର୍ଷ ବୟସରେ 'ଦିବ୍ୟ ଜ୍ଞାନ' ପ୍ରାପ୍ତି ହେଲା । ଆଜି ମଧ୍ୟ 'ବୋଧି ଦ୍ରୁମ' ନାମରେ ପରିଚିତ ସେହି ପବିତ୍ର ବୃକ୍ଷର ଜୀବନ୍ତ ଅଂଶ ବିଶେଷ ସେଠାରେ ଦେଖିବାକୁ ମିଳେ । ବଡ଼ ଆଶ୍ଚର୍ଯ୍ୟର କଥା ସେହି ଦିନ ମଧ୍ୟ ବୈଶାଖ ପୂର୍ଣ୍ଣିମା ଥିଲା। ସେହି ଦିନ ଠାରୁ ସିଦ୍ଧାର୍ଥ ଗୌତମଙ୍କ ନାମ ପରିବର୍ତ୍ତନ ହୋଇ 'ଗୌତମ ବୁଦ୍ଧ ' ହୋଇଥିଲା, ବୁଦ୍ଧ ମାନେ 'ମହାଜ୍ଞାନୀ' । ଯିଏ ଯେଉଁ ଧର୍ମର ହୁଅନ୍ତୁନା କାହିଁକି ସାରା ପୃଥିବୀ ଆଜି ତାଙ୍କୁ 'ବୁଦ୍ଧଦେବ'ଙ୍କ ନାମରେ ଜାଣିଛନ୍ତି ।

ସଂସାର ଦୁଃଖମୟ ...ଦୁଃଖର କାରଣ 'କାମନା' ଆଉ 'କାମନାର ବିନାଶରେ ଦୁଃଖର ବିନାଶ' , କାମନାର ବିନାଶ ପାଇଁ ବୁଦ୍ଧ ଆଠଗୋଟି ପନ୍ଥା ବା ଅଷ୍ଟାଙ୍ଗ ମାର୍ଗ ଆବିଷ୍କାର କରିଛନ୍ତି ଯାହା (୧) ସତ୍ ବାକ୍ୟ , (୨) ସତ୍ ଚିନ୍ତା (୩) ସତ୍ ଉଦ୍ଦେଶ୍ୟ (୪) ସତ୍ କର୍ମ (୫) ସତ୍ ସଂକଳ୍ପ (୬) ସତ୍ ଜୀବନ (୭) ସତ୍ ଚେଷ୍ଟା (୮) ସମକ୍ୟ ସମାଧି (ନିର୍ବାଣ ପ୍ରାପ୍ତି ପରେ ସ୍ୱୟଂ ଲୀନ ହୋଇଯିବା) ତା'ଙ୍କର ଦ୍ୱାରା ପ୍ରଚାରିତ ଧର୍ମ ହେଲା 'ବୌଦ୍ଧ ଧର୍ମ' ଧର୍ମଗ୍ରନ୍ଥ 'ତ୍ରିପିଟକ' ତ୍ରି ମାନେ ତିନି , ପିଟକ ମାନେ ପେଡି , ସେଗୁଡିକ ହେଲା ୧ - ସୂତ୍ର ପିଟକ ( ବୁଦ୍ଧଦେବଙ୍କ କଥୋପକଥନ), ୨- ବିନୟ ପିଟକ (ବୌଦ୍ଧଧର୍ମର ନିୟମାବଳୀ ) , ୩- ଅଭିଧାମ୍ମ ପିଟକ (ବୌଦ୍ଧ ଧର୍ମର ପ୍ରଧାନ ତତ୍ତ୍ୱ) ବୌଦ୍ଧ ଧର୍ମରେ ମୂର୍ତ୍ତିପୂଜା କରାଯାଏ ନାହିଁ, ବୌଦ୍ଧ ଧର୍ମାବଲମ୍ବୀ ମାନେ ବୁଦ୍ଧଙ୍କୁ ପୂଜା କରନ୍ତି ,ଦିବ୍ୟଜ୍ଞାନ ସହିତ ନିର୍ବାଣ ପ୍ରାପ୍ତି ଏହି ଧର୍ମର ମୂଳ ଉଦ୍ଦେଶ୍ୟ । ବୁଦ୍ଧଙ୍କ ଜ୍ଞାନ ପ୍ରାପ୍ତି ପୂର୍ବରୁ ତା'ଙ୍କୁ ଛାଡ଼ି ଚାଲିଯାଇଥିବା ପାଞ୍ଚ ଜଣ ଶିଷ୍ୟଙ୍କୁ ସେ ସାରନାଥ ଠାରେ ପ୍ରଥମେ ଦୀକ୍ଷା ଦେଇଥିଲେ ପରବର୍ତ୍ତୀ ସମୟରେ କପିଳାବାସ୍ତୁ ଯାଇ ପତ୍ନୀ ଓ ପୁତ୍ର ରାହୁଲଙ୍କୁ ବୌଦ୍ଧ ଧର୍ମରେ ଦୀକ୍ଷିତ କରିଥିଲେ। ଇତିହାସକୁ ପାଥେୟ କରି ଆମେ ଜାଣୁଛୁ ଯେ, ,ବୌଦ୍ଧଧର୍ମ ପ୍ରଚାର ପ୍ରସାର ପାଇଁ 'ସଙ୍ଘର' ଗଠନ ହୋଇଥିଲା, ' ବୁଦ୍ଧମ୍ ସରଣମ୍ ଗଚ୍ଛାମୀ , ଧର୍ମଂ ସରଣମ୍ ଗଚ୍ଛାମୀ , ସଙ୍ଘମ୍ ସରଣମ ଗଚ୍ଛାମୀ ' ତଥା ' ଓଁ ମଣି ପଦ୍ମେ ହୁମ୍' ଏହି ପ୍ରାର୍ଥନା ବୌଦ୍ଧଧର୍ମାବଲମ୍ବି ମାନଙ୍କୁ ଖୁବ୍ ଆଧ୍ୟାତ୍ମିକ ଭାବ ଆଣିଦିଏ । ପ୍ରାର୍ଥନା ଗୃହ ରେ 'ଓଁ' ର ଗୁଞ୍ଜନ ଏବଂ ଆଧ୍ୟାତ୍ମିକ ଶକ୍ତିର ତୁଳନା ନାହିଁ । ମହାତ୍ମା ବୁଦ୍ଧଙ୍କର ଖ୍ରୀଷ୍ଟ ପୂର୍ବ ୪୮୩ ରେ କୁଶୀନଗର ଠାରେ ମହାପ୍ରୟାଣ ହୋଇଥିଲା , ସେତେବେଳେ ତା'ଙ୍କୁ ୮୦ ବର୍ଷ ହୋଇଥିଲା ଓ ଆଉ ଏକ ସଂଯୋଗର କଥା ଯେ ସେଇଦିନ ମଧ୍ୟ ବୈଶାଖ ପୂର୍ଣ୍ଣିମା ତିଥି ଥିଲା । ଦିବ୍ୟ ଜ୍ଞାନ ପ୍ରାପ୍ତିର ୪୫ ବର୍ଷ ପର୍ଯ୍ୟନ୍ତ ସେ ତା'ଙ୍କର ଧର୍ମ ପ୍ରଚାର କରିଥିଲେ ହଜାର ହଜାର ଭକ୍ତ ଏବଂ ଅନୁଗାମୀ ପୃଥିବୀର କୋଣ ଅନୁକୋଣ ଯାଇ ସାଧାରଣ ଜନତାଙ୍କୁ ନିର୍ବାଣ ପ୍ରାପ୍ତିର ପଥ ବିଷୟରେ ବୁଝାଇ ବୌଦ୍ଧ ଧର୍ମର ପ୍ରସାର କରିଥିଲେ । ତେଣୁ ବୁଦ୍ଧ ପୂର୍ଣ୍ଣିମାକୁ ଗୌତମ ବୁଦ୍ଧଙ୍କ ଜନ୍ମ ଦିବସ, ଜ୍ଞାନପ୍ରାପ୍ତି ଦିବସ ତଥା ମହାପ୍ରୟାଣ ଦିବସ ରୂପେ ସାରା ପୃଥିବୀରେ ସବୁ ବୌଦ୍ଧ ଧର୍ମାବଲମ୍ବୀ ମାନେ ପାଳନ କରନ୍ତି , ସୁଖ ଏବଂ ଦୁଃଖର ଏକ ମିଶ୍ରିତ ଆବେଗ ଏହି ବୁଦ୍ଧ ପୂର୍ଣ୍ଣିମା । ବୁଦ୍ଧ ଧର୍ମର ସାରକଥା ହେଲା ''କାମନାର ବିନାଶ ରେ ଦୁଃଖର ବିନାଶ'' ଏବଂ ନିର୍ବାଣ ପ୍ରାପ୍ତି ।

ପୃଥିବୀର ଅନେକ ଦେଶରେ ବୁଦ୍ଧଦେବଙ୍କ ପୂଜାର୍ଚ୍ଚନା କରାଯାଏ , ପୂର୍ବ ତଥା ଦକ୍ଷିଣ ପୂର୍ବ ଏସିଆ ମହାଦେଶର ଶ୍ରୀଲଙ୍କା , ମିଆଁମାର , ଶ୍ୟାମ୍ ଦେଶ ବା ଥାଇଲାଣ୍ଡ , ମାଲେସିଆ , କାମ୍ବୋଡ଼ିଆ, ଲାଓସ , ଭିଏତନାମ, ଫିଲିପାଇନ୍ସ , ଜାପାନ, ଚୀନ, ଭୁଟାନ ଇତ୍ୟାଦି ଦେଶର ଲୋକମାନେ ଅଧିକାଂଶ ବୌଦ୍ଧ ଧର୍ମାବଲମ୍ବୀ ସେଠାରେ ଅନେକ ବଡ଼ ବଡ଼ ବୁଦ୍ଧ ମୂର୍ତ୍ତି ପ୍ରତିଷ୍ଠା ହୋଇଛି। ଭକ୍ତମାନେ ଖୁବ ନିଷ୍ଠାର ସହିତ ବୁଦ୍ଧଙ୍କୁ ଆରାଧନା କରନ୍ତି ଏବଂ ପ୍ରାର୍ଥନା ଗୃହରେ 'ଓଁ ମଣି ପଦ୍ମେ ହୁମ୍' ମନ୍ତ୍ରୋଚ୍ଚାରଣ କରନ୍ତି । ଭୁଟାନ୍, ମାଲେସିଆ , ଇଣ୍ଡୋନେସିଆ , ଭିଏତନାମ୍, ଥାଇଲାଣ୍ଡ ଦେଶର ଅନେକ ବୌଦ୍ଧ ମନ୍ଦିର ଯିବାର ତଥା ପ୍ରାର୍ଥନା କରିବାର ସୁଯୋଗ ପାଇଛି, ସେଠାରେ ବୌଦ୍ଧ ଧର୍ମାବଲମ୍ବୀ ମାନଙ୍କ ଆତ୍ମୀୟତା , ବୁଦ୍ଧଙ୍କ ପ୍ରତି ଭକ୍ତି ଏବଂ ନିଜକୁ ବୁଦ୍ଧଙ୍କ ଠାରେ ସମର୍ପଣ ଭାବ, ସରଳ ନିଷ୍କାମ ଜୀବନଚର୍ଯ୍ୟା ଦେଖି ଅଭିଭୂତ ହୋଇ ଯାଇଥିଲି । ଥରେ ଭିଏତନାମ୍ର ଜନୈକ ବୌଦ୍ଧ ଗୁରୁଙ୍କ ଆମନ୍ତ୍ରଣ କ୍ରମେ ଭିଏତନାମ୍ ଯାଇ ତାଙ୍କ ସଂସ୍ପର୍ଶରେ ଆସିଥିଲି ଏବଂ ତା'ଙ୍କର ବୁଦ୍ଧଙ୍କ ଉପରେ ଅସୀମ ଜ୍ଞାନ ଦେଖି ଆଚମ୍ବିତ ହୋଇ ଯାଇଥିଲି, ତା'ଙ୍କ ଆତିଥ୍ୟ ଏବଂ ଦୀକ୍ଷା ମୋର ସବୁ ଗର୍ବ , ଅହଂକାରକୁ ନେଇ 'ଓଁ ମଣି ପଦ୍ମେ ହୁମ୍ ' ମନ୍ତ୍ର ମଧ୍ୟରେ ଲୀନ କରିଦେଇଛି । ନିଜ ଅନୁଭୂତି ତଥା ସମ୍ୟକ ଜ୍ଞାନରୁ ଯାହା ଶିଖିଛି ସେଇଥିରୁ କିଛି ଉପସ୍ଥାପନ କରିଛି । ବୁଦ୍ଧଙ୍କ ଉପରେ ଲେଖିବା ପରି ସେତେଟା ଜ୍ଞାନର ଅଧିକାରୀ ହେବାକୁ ମୋତେ ହୁଏତ ଆହୁରି ଅନେକ ବର୍ଷ ଲାଗିପାରେ। ଶେଷରେ ' କାମନାର ବିନାଶରେ ଦୁଃଖର ବିନାଶ .... ଓଁ ମଣି ପଦ୍ମେ ହୁମ୍ ' ସହିତ ବୁଦ୍ଧଦେବଙ୍କୁ ପ୍ରଣାମ ଜଣାଉଛି ।

# ଲୋକସଭା ନିର୍ବାଚନରେ ଓଡ଼ିଶାର ମହିଳା ସଦସ୍ୟା



ପ୍ରେମାନନ୍ଦ ପାଣିଗ୍ରାହୀ
ଭୁବନ, ଢେଙ୍କାନାଳ
ମୋ-୯୪୩୭୭୨୯୩୮୪

ସ୍ୱାଧୀନ ଭାରତରେ ଅନୁଷ୍ଠିତ ହୋଇଥିବା ଲୋକସଭାର ତିନି ଗୋଟି ସାଧାରଣ ନିର୍ବାଚନରେ ଓଡିଶାର କୌଣସି ମହିଳା ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିନଥିଲେ । ପରବର୍ତ୍ତୀ ଅବସ୍ଥାରେ ସେମାନେ ଲୋକସଭା ନିର୍ବାଚନରେ ସକ୍ରୀୟ ଭାବରେ ଅଂଶଗ୍ରହଣ କରିଥିଲେ ମଧ୍ୟ ଅନେକ ସମୟରେ ପରିବାର ରାଜନୀତି ବ୍ୟବସ୍ଥାରେ ନାରୀନେତ୍ରୀମାନଙ୍କୁ ଦେଖିବାକୁ ମିଳୁଛି।। ୧୯୬୭ ମସିହାରେ ଅନୁଷ୍ଠିତ ୪ର୍ଥ ସାଧାରଣ ନିର୍ବାଚନରେ ଓଡିଶାରୁ ଲୋକସଭା ପାଇଁ ଜଣେ ମହିଳା ପ୍ରାର୍ଥୀ, ୧୯୭୧ ମସିହାରେ ଅନୁଷ୍ଠିତ ପଞ୍ଚମ ଲୋକସଭା ନିର୍ବାଚନରେ ୨ଜଣ ମହିଳା ପ୍ରାର୍ଥୀ, ୧୯୭୭ରେ ଅନୁଷ୍ଠିତ ଷଷ୍ଠ ଲୋକସଭା ସାଧାରଣ ନିର୍ବାଚନରେ ଜଣେ ମହିଳା ପ୍ରାର୍ଥୀ, ୧୯୮୦ ମସିହାରେ ଅନୁଷ୍ଠିତ ସପ୍ତମ ଲୋକସଭା ନିର୍ବାଚନରେ ୨ଜଣ ମହିଳା ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ ମଧ୍ୟ କୌଣସି ଜଣେ ହେଲେ ସଂସଦକୁ ଓଡିଆ ମହିଳା ସାଂସଦ ଭାବରେ ନିର୍ବାଚିତ ହେବାରେ ସମର୍ଥ ହୋଇପାରିନଥିଲେ । ୧୯୮୧ ମସିହାରେ କଟକ ଲୋକସଭା ଆସନ ପାଇଁ ଅନୁଷ୍ଠିତ ଉପନିର୍ବାଚନରେ କଂଗ୍ରେସ ଦଳ ପକ୍ଷରୁ ଶ୍ରୀମତୀ ଜୟନ୍ତୀ ପଟ୍ଟନାୟକ ନିର୍ବାଚନ ଲଢ଼ି ପ୍ରଥମ ଓଡିଆ ମହିଳା ସାଂସଦ ହେବାର ସୌଭାଗ୍ୟ ଅର୍ଜନ କରିଥିଲେ। ୧୯୮୪ ମସିହାରେ ଅନୁଷ୍ଠିତ ଅଷ୍ଟମ ଲୋକସଭା ନିର୍ବାଚନରେ ୨ଜଣ ମହିଳା କଟକ ଲୋକସଭା ଆସନ ପାଇଁ କଂଗ୍ରେସ ଦଳ ପକ୍ଷରୁ ଶ୍ରୀମତୀ ଜୟନ୍ତୀ ପଟ୍ଟନାୟକ ଓ ସମ୍ବଲପୁର ଲୋକସଭା ଆସନରୁ ଜନତାଦଳ ପକ୍ଷରୁ ସୌରିନ୍ଦ୍ରୀ ନାୟକ ପ୍ରାର୍ଥୀ ହୋଇଥିଲେ ମଧ୍ୟ ପୁନଶ୍ଚ ଶ୍ରୀମତୀ ଜୟନ୍ତୀ ପଟ୍ଟନାୟକ ରାଜ୍ୟର ଏକମାତ୍ର ମହିଳା ସାଂସଦ ଭାବରେ ଲୋକସଭାକୁ ଦ୍ୱିତୀୟବାର ନିର୍ବାଚିତ ହେବାର ସୌଭାଗ୍ୟ ଅର୍ଜନ କରିଥିଲେ । ୧୯୮୯ ମସିହାରେ ଅନୁଷ୍ଠିତ ଲୋକସଭାର ନବମ ସାଧାରଣ ନିର୍ବାଚନରେ ୪ଜଣ ମହିଳା ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଥିଲେ। ଏହି ନିର୍ବାଚନରେ ଜଣେ ହେଲେ ପ୍ରାର୍ଥୀ ବିଜୟ ଲାଭ ନକରିବାରୁ ଲୋକସଭାରେ ଓଡିଶାର ମହିଳା ପ୍ରତିନିଧିତ୍ୱ ଶୂନ୍ୟ ହୋଇଯାଇଥିଲା। ୧୯୯୧ ମସିହାରେ ଅନୁଷ୍ଠିତ ଦଶମ ଲୋକସଭାର ସାଧାରଣ ନିର୍ବାଚନରେ ୬ଜଣ ମହିଳା ପ୍ରାର୍ଥୀ ହୋଇଥିଲେ । ସେମାନଙ୍କ ମଧ୍ୟରୁ କଂଗ୍ରେସ ଦଳ ପକ୍ଷରୁ ପ୍ରାର୍ଥୀ ହୋଇ ସୁଶ୍ରୀ ସୁଶିଳା ତିରିଆ ତୃତୀୟ ଓଡିଆ ମହିଳା ଭାବରେ ଲୋକସଭାକୁ ନିର୍ବାଚିତ ହୋଇଥିଲେ । ୧୯୯୬ ମସିହାରେ ଅନୁଷ୍ଠିତ ଏକାଦଶ ଲୋକସଭା ନିର୍ବାଚନରେ ୮ଜଣ ମହିଳା ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ଏଥର କଂଗ୍ରେସ ଦଳରୁ ସୁଶ୍ରୀ ସୁଶିଳା ତିରିଆ ଓ ସୁଶ୍ରୀ ଫ୍ରିଡା ଟପ୍ପୋ ଲୋକସଭାକୁ ନିର୍ବାଚିତ ହୋଇଥିଲେ । ୧୯୯୮ ମସିହାରେ ଅନୁଷ୍ଠିତ ଲୋକସଭାର ଦ୍ୱାଦଶ ସାଧାରଣ ନିର୍ବାଚନରେ ସର୍ବାଧିକ ୧୦ ଜଣ ମହିଳା ପ୍ରାର୍ଥୀ ଭାବରେ ଅବତୀର୍ଣ୍ଣ ହୋଇଥିଲେ ଏବଂ ସେମାନଙ୍କ ମଧ୍ୟରୁ ବିଜେଡି-ବିଜେପି ମେଣ୍ଟ ପ୍ରାର୍ଥୀ ସଙ୍ଗୀତା କୁମାରୀ ସିଂହଦେଓ ଓ କଂଗ୍ରେସ ପ୍ରାର୍ଥୀ ଶ୍ରୀମତୀ ଜୟନ୍ତୀ ପଟ୍ଟନାୟକ ଲୋକସଭାକୁ ସାସଂଦ ଭାବରେ ନିର୍ବାଚିତ ହୋଇଥିଲେ। ୧୯୯୯ ମସିହାରେ ଅନୁଷ୍ଠିତ ତ୍ରୟୋଦଶ ଲୋକସଭା ନିର୍ବାଚନରେ ମୋଟ ୮ଜଣ ମହିଳା ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ । ବିଜେଡି-ବିଜେପି ମେଣ୍ଟ ପ୍ରାର୍ଥୀ ସଙ୍ଗୀତା କୁମାରୀ ସିଂହଦେଓ ବଲାଙ୍ଗୀର ଆସନରୁ ଓ କଂଗ୍ରେସ ପ୍ରାର୍ଥୀ ହେମା ଗମାଙ୍ଗ କୋରାପୁଟ ଆସନରୁ ଲୋକସଭାକୁ ନିର୍ବାଚିତ ହୋଇଥିଲେ । ୨୦୦୪ ମସିହାରେ ଅନୁଷ୍ଠିତ ଲୋକସଭାର ଚତୁର୍ଦ୍ଦଶ ସାଧାରଣ ନିର୍ବାଚନରେ ୯ଜଣ ମହିଳା ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ ମଧ୍ୟ ବିଜେଡି-ବିଜେପି ମେଣ୍ଟ ପ୍ରାର୍ଥୀ ଅର୍ଚ୍ଚନା ନାୟକ ଓ ସଙ୍ଗୀତା କୁମାରୀ ସିଂଦେଓ ଲୋକସଭାକୁ ନିର୍ବାଚିତ ହୋଇଥିଲେ । ୨୦୦୯ ମସିହାରେ ଅନୁଷ୍ଠିତ ଲୋକସଭାର ପଞ୍ଚଦଶ ନିର୍ବାଚନରେ ଓଡିଶାର ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ୯ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ । ସେମାନଙ୍କ ମଧ୍ୟରୁ ବିଜେପି ସର୍ବାଧିକ ୫ଜଣ ମହିଳାଙ୍କୁ ପ୍ରାର୍ଥୀ କରିଥିବାବେଳେ ବି.ଏସ୍.ପି ପକ୍ଷରୁ ଜଣେ, ସ୍ୱାଧୀନ ପ୍ରାର୍ଥୀ ଭାବରେ ଜଣେ ଓ ଅନ୍ୟାନ୍ୟ ଦଳରୁ ୨ଜଣ ମହିଳା ପ୍ରାର୍ଥୀ ହୋଇଥିଲେ। ବିଜେଡି ଏକାକି ଭାବରେ ଏହି ନିର୍ବାଚନରେ ଲଢିଥିଲେ ମଧ୍ୟ କୌଣସି ମହିଳାଙ୍କୁ ଲୋକସଭା ପ୍ରାର୍ଥୀ ଭାବରେ ମନୋନୀତ କରିନଥିଲା। ଏହି ନିର୍ବାଚନରେ କୌଣସି ମହିଳା ବିଜୟଲାଭ ନକରିବାରୁ ଲୋକସଭାରେ ଓଡିଆ ମହିଳା ସାଂସଦ ସଂଖ୍ୟା ଶୂନ୍ୟ ହୋଇଯାଇଥିଲା । ଚଳିତ ୨୦୧୪ ମସିହାର ଷୋଡଶ ଲୋକସଭା ସାଧାରଣ ନିର୍ବାଚନରେ ୧୮୬ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ମହିଳାଙ୍କ ସଂଖ୍ୟା ୧୭ ରହିଥିଲା । ମୋଟ ପ୍ରାର୍ଥୀ ସଂଖ୍ୟାର ଏହା ହେଉଛି ୮.୬୭% । ଏହି ନିର୍ବାଚନରେ ଓଡିଶାର ସ୍ୱାଧୀନ ପ୍ରାର୍ଥୀଙ୍କୁ ଛାଡି ପ୍ରାୟ ୧୭ରୁ ଉର୍ଦ୍ଧ୍ୱ ରାଜନୈତିକ ଦଳ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ଏହି ନିର୍ବାଚନରେ ଆମ୍ ଆଦ୍ମୀ ପାର୍ଟି ସର୍ବାଧିକ ୪ଜଣ ମହିଳାଙ୍କୁ ଲୋକସଭା ପ୍ରାର୍ଥୀ କରିଥିବା ବେଳେ ବିଜେଡି ୨ଜଣ, କଂଗ୍ରେସ ୨ଜଣ, ଏସ୍.ୟୁ.ସିଆଇ ୨ଜଣ, ସିପିଆଇ (ଏଲ୍.ଏମ୍) ୧, ଓଡିଶା ଜନମୋର୍ଚ୍ଚା ୧, ବିଜେପି ୧, ବି.ଏସ୍.ପି ୧, ଆମ ଓଡିଶା ପାର୍ଟି ୧, ବହୁଜନ ମୁକ୍ତିପାର୍ଟି ୧, ପଶ୍ଚିମାଞ୍ଚଳ ବିକାଶ ମଞ୍ଚ ୧ ଲେଖାଁଏ ମହିଳାଙ୍କୁ ପ୍ରାର୍ଥୀ କରିଛନ୍ତି । ନିର୍ବାଚନ ପ୍ରତିଦ୍ୱନ୍ଦ୍ୱିତା ମୁଖ୍ୟତଃ ପ୍ରମୁଖ ତିନୋଟି ଦଳ ଯଥା ବିଜେପି, ବିଜେଡି ଓ କଂଗ୍ରେସ ମଧ୍ୟରେ ହୋଇଥିଲା । ତେବେ ଓଡିଶାରୁ ମାତ୍ର ୨ ଜଣ ବି.ଜେ.ଡି ପ୍ରାର୍ଥି ଯଥା ଯାଜପୁରରୁ ରୀତା ତରାଇ ଓ କେନ୍ଦୁଝରରୁ ଶକୁନ୍ତଳା ଲାଗୁରୀ ନିର୍ବାଚିତ ହୋଇ ମହିଳା ପ୍ରତିନିଧି ଭାବେ ସଂସଦରେ ପ୍ରତିନିଧିତ୍ୱ କରିଥିଲେ । ୨୦୧୯ରେ ସପ୍ତଦଶ ଲୋକସଭା ନିର୍ବାଚନରେ ପ୍ରମୁଖ ରାଜନୈତିକ ଦଳ ମାନଙ୍କ ମଧ୍ୟରୁ ବିଜୁ ଜନତା ଦଳ ୭,ଭାରତୀୟ ଜନତା ପାର୍ଟି ୩,ଭାରତୀୟ ଜାତୀୟ କଂଗ୍ରେସ୍ ୨ ଜଣ ମହିଳାଙ୍କୁ ପ୍ରାର୍ଥୀ କରିଥଲେ । ତେବେ ଏମାନଙ୍କ ମଧ୍ୟରୁ ବିଜୁ ଜନତା ଦଳରୁ ୫ ଜଣ ଓ ଭାରତୀୟ ଜନତା ପାର୍ଟିରେ ୨ ଜଣ ନିର୍ବାଚିତ ହୋଇଥିଲେ । ସପ୍ତଦଶ ଲୋକସଭାରେ ଓଡିଶାରୁ ଦିଲ୍ଲୀ ଦରବାରରେ ୩୩ ପ୍ରତିଶତ ବା ଏକ ତୃତୀୟାଂଶ ମହିଳା ସାଂସଦ ଭାବରେ ପ୍ରତିନିଧିତ୍ୱ କରିଛନ୍ତି। ଦେଶରେ ଏକମାତ୍ର ରାଜ୍ୟ ଭାବେ ଓଡିଶା ମହିଳା ସଶକ୍ତିକରଣ କ୍ଷେତ୍ରରେ ସାରା ଦେଶ ପାଇଁ ଉଦାହରଣ। ଅନ୍ୟ ଦୃଷ୍ଟିରୁ ଏହି ନିର୍ବାଚନ ଫଳାଫଳ ଓଡିଶାକୁ ସ୍ୱତନ୍ତ୍ର ପରିଚୟ ଆଣି ଦେଇଥିଲା । ପ୍ରମିଳା ବିଷୋଇଙ୍କ ପରି ଜଣେ ସାଧାରଣ ଗୃହିଣୀ ଓ ଚନ୍ଦ୍ରାଣୀ ମୁର୍ମୁଙ୍କ ସର୍ବ କନିଷ୍ଠ ମହିଳା ସାଂସଦ ଭାବେ ଲୋକସଭାକୁ ନିର୍ବାଚିତ ହୋଇଥିଲେ । ସଙ୍ଗୀତା ସିଂହଦେଓଙ୍କ ବ୍ୟତୀତ ଅନ୍ୟ ଛଅ ଜଣ ସାଂସଦ ପ୍ରଥମ ଥର ପାଇଁ ସଂସଦରେ ପାଦ ଦେଇଥିଲେ । ଅଷ୍ଟାଦଶ ଲୋକସଭା ନିର୍ବାଚନ-୨୦୨୪ରେ ବିଜୁ ଜନତାଦଳ ୭,ଭାରତୀୟ ଜନତା ଦଳ ୪ ଓ ଭାରତୀୟ ଜାତୀୟ କଂଗ୍ରେସ ୪ ଜଣ ମହିଳାଙ୍କୁ ଲୋକସଭା ପାଇଁ ଦଳିତ ଟିକେଟ୍ ଦେଇଥିବା ବେଳେ ପୁରୀ ଲୋକସଭା ଆସନ ପାଇଁ ଭାରତୀୟ ଜାତୀୟ କଂଗ୍ରେସର ପ୍ରାର୍ଥିନୀ ସୁଚରିତା ମହାନ୍ତି ଟିକେଟ ଫେରସ୍ତ କରିଦେଇଛନ୍ତି । ଦେଶରେ ମହିଳାମାନଙ୍କୁ ଲୋକସଭା ଓ ବିଧାନସଭାରେ ଆଇନତଃ ପ୍ରତିନିଧିତ୍ୱ ଆରକ୍ଷଣ ମିଳିବାର ବିଧେୟକ ନାରୀ ଶକ୍ତି ବନ୍ଦନ ଉପରେ ଆଇନର ମୋହର ବସିସାରିଲାଣି। ନାରୀ ଶକ୍ତି ବନ୍ଦନ ଆଇନ୍ର ମୂଳ ପ୍ରୟାସ ରାଜନୀତି କ୍ଷେତ୍ରରେ ମହିଳାଙ୍କୁ ନୀତି ନିର୍ଦ୍ଧାରକ ସ୍ଥାନରେ ବସାଇ ପ୍ରକୃତ ମହିଳା ସଶକ୍ତୀକରଣର ବାର୍ତ୍ତାକୁ ସାରା ବିଶ୍ୱରେ ପ୍ରଚାର ପ୍ରସାର କରିବା।

୧୯୯୩ ମସିହାରେ ସମ୍ବିଧାନର ୭୩ତମ ସଂଶୋଧନ ଜରିଆରେ ପଞ୍ଚାୟତରାଜକୁ ସୁଦକ୍ଷ କରାଯିବାର ପ୍ରଚେଷ୍ଟା ସ୍ୱରୂପ ମହିଳାମାନଙ୍କର ଗୁରୁତ୍ୱ ଉପଲବ୍ଧି କରି ପଞ୍ଚାୟତରାଜ ବ୍ୟବସ୍ଥାରେ ଏକ ତୃତୀୟାଂଶ ଆସନ ସଂରକ୍ଷଣ କରାଯାଇଥିଲା। ୨୦୧୦ ମସିହା ମାର୍ଚ୍ଚ ୫ ତାରିଖରେ ସ୍ୱାୟତ୍ତ ଶାସନ ସଂସ୍ଥା ଓ ପଞ୍ଚାୟତରାଜ ବ୍ୟବସ୍ଥାରେ ମହିଳାମାନଙ୍କ ପାଇଁ ୫୦ ପ୍ରତିଶତ ସ୍ଥାନ ସଂରକ୍ଷଣ କରିବାରେ ଓଡିଶାର ଭୂମିକା ଅଗ୍ରଗଣ୍ୟ । ସ୍ୱାୟତ୍ତ ଶାସନ ସଂସ୍ଥାଗୁଡିକରେ ମଧ୍ୟ ୭୦ ଶତାଂଶ ମହିଳା ଅଧ୍ୟକ୍ଷ ଆସନ ଗ୍ରହଣ କରିଛନ୍ତି । ରାଜ୍ୟରେ ମୋଟ ଭୋଟରଙ୍କ ସଂଖ୍ୟା ୩ କୋଟି ୩୨ ଲକ୍ଷ ୩୬ ହଜାର ୩୬୦ ହୋଇଥିବା ବେଳେ ୧ କୋଟି ୬୩ ଲକ୍ଷ ୮୨ ହଜାର ୩୧ ଜଣ ମହିଳା ଭୋଟର ଅଛନ୍ତି । ଯାହାକି ପାଖାପାଖି ୫୦ ଶତାଂଶ । ବିଭିନ୍ନ କ୍ଷେତ୍ରରେ ମହିଳାମାନେ ପୁରୁଷ ସହ କାନ୍ଧ ମିଳାଇ ଆଗକୁ ଆସିଛନ୍ତି । କିନ୍ତୁ ରାଜନୀତି କ୍ଷେତ୍ରରେ ଏହା ଉଚ୍ଚ ସ୍ତରରେ ସମ୍ଭବପର ହୋଇ ପାରୁନି । ମହିଳାମାନେ ଯଦି ପ୍ରଥମେ ନିଜ ଦାବି ଓ ଅଧିକାର ସାବ୍ୟସ୍ତ ପାଇଁ ଆଗକୁ ନଆସିବେ ତାହାଲେ ବିଧି ପ୍ରସ୍ତୁତି କ୍ଷେତ୍ରରେ ସେମାନଙ୍କ ପ୍ରତିନିଧିତ୍ୱ ହ୍ରାସ ପାଇବ । ପୁରୁଷପ୍ରଧାନ ସମାଜ ବ୍ୟବସ୍ଥାରେ ଏହା ମାନସିକତା କହି ନିରବରେ ବସିବା ସମୟ ଆଉ ନାହିଁ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

## ଅପେକ୍ଷାର ବେଳ

ଶ୍ରୀଧର ପଟ୍ଟନାୟକ


ଯାବତ୍ ଜୀବନର ଝଡ଼ ବାତ୍ୟା ପରେ
ମେଘ ବି ବର୍ଷିଗଲା ଢେର
ଆଉ କ'ଣ ବାକି ଅଛି,
କୋହ ଆଉ ଲୁହର ନବାତ ପଣା
ଭୋଗ ଲାଗି ହେବାପରେ !

ମୁଠା ମୁଠା ଅକ୍ଷି ଅନ୍ନ ସଞ୍ଚି
ଅମାପ ଧନ ଠୁଳ ହେଲା ପରେ
ନା' ଭୋକ ମେଣ୍ଟିଲା ନା' ଶୋଷ
ଏବେ ଖାଲି ଶୁଖିଲା କଟାକ୍ଷ ହିଁ ଭାଗଶେଷ,
ବୋଧେ ଜୀବନର ଭାଗକ୍ରିୟାରେ ... !

ଧୁଡୁଧୁଡୁ ଚର୍ମର ଖୋଳପା ତଳେ
ଏବେ ବି ଧପଧପ ହୃଦୟଟେ ଅପେକ୍ଷାରେ,
ପୁଅ ବୋହୂ ପଛେ ନ ପଚାରନ୍ତୁ;
ଦେଖା ହୋଇଯିବ କି' ନାତି ଟୋକା
ସ୍କୁଲ୍ ଅଗଣାରେ !

ପାଞ୍ଚ ଶ' ରୁ ସିଧା ବଢ଼ିଛି ହଜାରେ
ଭଡା ଟଙ୍କାରୁ ମିଠା ପୁଡିଆଟେ
କିଣିଛି ନାତି ଟୋକା ପାଇଁ,
ପୁଅ କାଳେ ବିରକ୍ତ ହେବ ଦେଖାହେଲେ
ଲୁଚି ଛପି ଧରେଇଦେବି ଯେ',
ମୁଁ ତା' ବୁଢା ଜେଜେ, ଗ୍ରାମରକ୍ଷୀ ଥିଲି ଯୁବା ବୟସରେ

ଧେଃତ ;
ଆଜି ବି ହେଲାନି ଭେଟ
ପୁଅ ଭାରି ବ୍ୟସ୍ତ ମାର୍ଚ୍ଚ ଶେଷରେ,
ବୋହୂ ମାଆ ନିଜେ ଗାଡ଼ି ନେଇ ଆସିଛି
ପୁପୁନର ସ୍କୁଲ ଛୁଟି ପରେ,
କଥା ପଦକ ତ ହୋଏନି ମ,
ଭାରି ଡରକୁଳି;
ଭେଟ ହେଲାନି ନାତି ସହ,
ଅପେକ୍ଷା ରହିଲା ଆର ବୁଧବାରକୁ
ନିଶ୍ଚୟ ଦେଖା ହେବ ସ୍କୁଲ ଅଗଣାରେ !



କଲ୍ୟାଣସିଂହପୁର, ରାୟଗଡ
୮୨୪୯୧୨୧୦୬୦

## ମୋକ୍ଷର ଦ୍ୱାର



ପରମ ଆନନ୍ଦ ଥାଏ ସେଇ ସତ୍ତାରେ
ଯେଉଁ ସତ୍ତାକୁ ଉପଲବ୍ଧି କରିବାରେ
ବିତିଯାଏ ଦିନ ବର୍ଷ ମାସ...
ନିର୍ବିକାର ଚିତ୍ତରେ
ମନ ପ୍ରାଣ ଓ ହୃଦୟକୁ ଏକ କରିଦେଲେ,
ନିଜ ଭିତରେ ନିଜକୁ ହଜେଇଦେଲେ
ଯାଜୁଲ୍ୟମାନ ହୋଇଯାଏ ସେଇ ଆକାର
ଆଲୋକ ଦେଖାଏ ଯାହା ପ୍ରତି ଅନ୍ଧକାରେ
ସେଇ ତ ଓଁ କାର...
ସେଇ ତ ପରମାତ୍ମାଙ୍କ ସ୍ୱର
ଯାହା ଗୁଞ୍ଜରିତ ହୁଏ ପ୍ରତିଟି ଅନ୍ତରେ
ସେଇ ସ୍ୱରରେ

ହଜି ଯିବାରେ
ମଜି ଯିବାରେ
ସବୁ ଯନ୍ତ୍ରଣା ହୋଇଯାଏ ଦୂର,
ସେଇ ତ ପରମାତ୍ମାଙ୍କ ସ୍ୱର ।
ଅହଂକାର ଭୁଲି
ଥରେ ନିଜକୁ ସମର୍ପି ଦେଲେ ସେଇ ଅନ୍ଧକାରେ,
ସେଇ ଶୂନ୍ୟତାରେ,
ରାଜ ପଥ ଭୁଲି ଜ୍ଞାନ ପଥେ ଅଗ୍ରସର ହେଲେ,
ଆପେ ଆପେ ବାଟ ଖୋଲି ଯାଏ ।

ବସନ୍ତ ମଞ୍ଜରୀ ମିଶ୍ର

କଣ୍ଟକିତ ପଥ ବି ସୁଗମ ହୋଇଯାଏ
ସର୍ବାଙ୍ଗରେ ବୋଳି ଦେଲେ ସେ ପ୍ରେମର ବିଭୂତି
ଏକ ହୋଇଗଲେ ଥରେ ସେଇ ବ୍ରହ୍ମରେ
ଖୋଲି ଯାଏ ମୋକ୍ଷ ପ୍ରାପ୍ତି ର ଦ୍ୱାର ।

ଅଧ୍ୟାପିକା, ତାଳଚେର ଥର୍ମାଲ
ମୋ- ୯୮୬୧୧୯୨୪୪୫

## କେହି ଜଣେ ତନୁଲତା

କୈଳାସ ଚନ୍ଦ୍ର ସାହାଣୀ

କେହି ଜଣେ ତନୁଲତା
ମୁଣ୍ଡ କୋଡି କାନ୍ଦୁଥିବ,
ଲୁଚାଇ ଲୁଚାଇ ପଢୁଥିବ ଶେଷ ଚିଠି
ପ୍ରିୟତମର,
ଗୋଟେ ଦୀର୍ଘଶ୍ୱାସ
ଶୂନ୍ୟରେ ମିଳାଇ ଯାଉଥିବ !

ଅତୀତକୁ ଉଖାରି ଉଖାରି
ଭରୁଥିବ ଆଖିତଳେ ଲୁହ,
କାନ ଫୁଲଟିଏ ଦେଇନି ବୋଲି
ଅଭିମାନ ନୁହଁ,
ବରଂ ତୁମେ ନିସ୍ୱ କରିଦେଇ ଚାଲିଗଲ ବୋଲି
ତୁମ ଗରୀବପଣିଆଠୁ ଢେର ଅଧିକ
ସୁନୀଲକୁ ନପାଇବାର ଅଭାବୀପଣରେ
ମନ ମରିଯାଇଥିବ !

ତନୁଲତା ଦେହରେ ଆଉ ଆଗଭଳି
ସେ ହଳଦୀ ରଙ୍ଗର ଚମକ ନଥିବ
ଗ୍ରହ ନକ୍ଷତ୍ର ସୂର୍ଯ୍ୟ ଚନ୍ଦ୍ର
ଓହ୍ଲାଇ ଆସୁନଥିବେ ଆବେଗରେ
ଅବା କବି କଳ୍ପନାରେ,
ଆଗପରି ଚଗଲା ପବନ ବି ସାଉଁଳୁନଥିବ
ପିଠିପଟେ ଲୋଟୁଥିବା
ମୁକ୍ତ କୃଷ୍ଣ କବରୀକୁ
ଉଡାଇ ନେଉନଥିବ ଦେହରୁ ବସନ
ଚୋରାଉନଥିବ ପଦ୍ମଗନ୍ଧାର ବାସ
ଆଗପରି ଓଠରେ ଆଉ ଫୁଟୁନଥିବ
ମଲ୍ଲୀଫୁଲିଆ ହସ !



ତଥାପି
କେଉଁ ଅଜ୍ଞାତବାସରେ ଥାଇ
ତନୁଲତା ଝୁରିହେଉଥିବ
ସୁନୀଲ ବୋଲି ପ୍ରେମିକ କବିଟିଏ ଥିଲା
ଅକସ୍ମାତ ମିଳାଇଗଲା
ସତ୍ୟନଗର ଶ୍ମଶାନ ଛାତିରେ
କୁହୁଳା ନିଆଁପରି ଦଲକାଏ ଝୁଲ
ପୋଡିପକାଉଛି ତନୁଲତାର ହୃଦୟ
ତା ଭିତରେ ଶୁଦ୍ଧ ସୁବର୍ଣ୍ଣ ପରି ପ୍ରେମ
ଦାଉ ଦାଉ ଦିଶୁଛି !!

ବଡବିଲ, କେନ୍ଦୁଝର
ମୋ-୯୪୩୭୮୪୩୨୧୯

## ନିର୍ବାପିତ ହେବାର ବେଳ

ଧର୍ମାନନ୍ଦ ମହାରଣା

ତୁମେ ସିନା ଗଲ ଅଜଣା ରାଇଜେ ଗୁପତରେ ଲୁଚି ଲୁଚି
ସ୍ମୃତିର ପୋଥିକୁ ଏଡ଼ାଇ ଦେଖେ ମୁଁ ନିରୋଳାରେ ଏକା ବସି
କେବେ ଆସେ ହୃଦେ ଉଚ୍ଛୁଳା ଜୁଆର ଶତ ଧୈର୍ଯ୍ୟ ବନ୍ଧ ଭାଙ୍ଗେ
କେବେ ପୁଣି ଆଖି ନୀରବ ନିଶ୍ଚଳେ ଲୁହ ଝରାଇ ସେ କାନ୍ଦେ ।

ଆତତାୟୀ ସମ ଖଡଗ ମୁନରେ ଭେଦି ଦେଇଗଲା ହିୟା
କିଏ ସେ ଦାରୁଣ ନିଷ୍ଠୁର ନିର୍ଦ୍ଦୟ ଖେଳିଲା ମୋ ସାଥେ ଜୁଆ
ସଖୀ ସିନା ଦୂର ହୋଇଲା ମୋଠାରେ ସ୍ମୃତି ତ ରହିଛି ତାଜା
ଜୋଛନା ଆସିଲେ ସଖୀ ପାଇଁ କେତେ ନିତି ହୁଏ ସାଜସଜା ।

ଦୁକୁଦୁକୁ ଦୀପ ସରୁଛି ଆୟୁଷ ଆଶାରେ ରହିଛି ଚେଇଁ
ଯାମିନୀ ତରୀରେ ଚନ୍ଦ୍ରମାକୁ ଦେଖି ଭାବେ ସଖୀ ମୁଖ ଏଇ
ଚାରୁ କୁନ୍ତଳିନୀ ମଧୁର ହାସିନୀ ଆସ ଥକା ପଦ ଥୋଇ
ପୂଜିବି ଆନନ୍ଦେ ଦୁଇ କର ମଧ୍ୟେ ସୁବାସିତ ପୁଷ୍ପ ଦେଇ ।

ମୋର ଏ ଅବସ୍ଥା ଦେଖି ତୁମେ ସଖୀ ଦେବ ଦୁଇଟୋପା ଲୁହ
ସେତିକିରେ ମୋର ନିର୍ବାପିତ ହେବ ଛାତିତଳ ସବୁ କୋହ ।।



ଗଞ୍ଜାମ
ଦୂରଭାଷ - ୮୯୧୭୪୪୬୪୪୧

## ହାଇମରା ଜୀବନ

ବିଜୟଲକ୍ଷ୍ମୀ ପାଣିଗ୍ରାହି

ପାରିବା ବୟସରେ
ନିପାରିଲାପଣ
ସତରେ କି ଅସହାୟ !

ଏବେ ନିରବ ଆକାଶ ହେଉ
ଅବା ଫୁଙ୍ଗୁଳା ମାଟି
ସବୁଠି ଝଡର କବିତା
କାହାକୁ ଫୁରୁସତ ଅଛି
ସକାଳର ଲଫାପା ଚିରି ପଢ଼ିବାକୁ
ମୋତିର ଆତ୍ମକଥା ।

କୃତଘ୍ନତାରେ କବଳିତ
ଆଖି ଲୁହର ନିରବ ନିମଗ୍ନତା ।
ଜୀବନକୁ ଜଳାଞ୍ଜଳି ଦେଇ
ଡହଡହ ଖରାରେ ଶିଝିଥିବା



ସେ ଶିଝାମଣିଷର ଭାଗ୍ୟରେ
ନା ନିଦ ଥାଏ
ନା ଥାଏ ନାଦ ।
ତଥାପି ବୟସର ଦୌଡ଼ରେ
ନାଳିଫିତାକୁ ଛୁଇଁବା ପର୍ଯ୍ୟନ୍ତ
ତା ପାଦ ଚଳୁଥାଏ
ଯଦି ଚ ଅଚଳ ହୁଏ
ତେବେ ସେ ଗଛ ହୁଏ
ଅଦୂରରେ ଥିବା
ଗାଁ ମୁଣ୍ଡ ମଶାଣି ପାଖ
ହାଇମରା ବରଗଛ ସହ ସାଥି ହୁଏ ।
ସତରେ କେତେ ସହିପାରିଲେ
ଜଣେ ଗଛ ହୋଇପାରେ !

ଶିକ୍ଷୟିତ୍ରୀ ଜୟପୁର, କୋରାପୁଟ
ମୋ- ୮୨୪୯୪୫୦୦୫୦

## ଲେଖାହେଉଥିବା ଚିଠି

ରଶ୍ମି ମହାପାତ୍ର

ଯାହା କହିହୁଏନାହିଁ ଚିଠି କହିବାକୁ ମୁହଁଖୋଲେ
କରିବାକୁ ଜିଦ୍ ଧରେ ଯାହା ସହଜେ ଘଟେନି ।
ଏକ ଭୁଲିଯାଇଥିବା କାହାଣୀର ଅନୁଚ୍ଛେଦ ଲେଖିବସେ
ଠିକଣାରେ କବାଟ ବାଡାଏ
ଛାତିରେ ଜାକିଥାଏ କିଛି ଅକ୍ଷରଙ୍କ ଗୁମର
ଟାକିଥାଏ ବୁଢ଼ିଆଣୀ ଛନ୍ଦିବ ଜାଲରେ,
ସେ ଅବା ଜାଣିବ କେମିତି
ତୁମେ ଯେ ଆରାମରେ ମୁକୁଳିପାର
ବିନା ଛାଟିପିଟିହୋଇ
ବିଗତ ଦିନର ପରସ୍ତ ପରସ୍ତ କଠିନ ଆବରଣକୁ ଖାତିର
ନକରି,
ଭଙ୍ଗା ହୃଦୟର ବିଶ୍ୱସ୍ତ ପ୍ରଳାପ
ନିର୍ବାସିତ ଶବ୍ଦଙ୍କର ନିର୍ଜନ ଆଳାପ
ଜମାଟ ବାନ୍ଧୁଥିବା ଉଦବେଗ
ତରଳୁଥିବା ଯନ୍ତ୍ରଣା
ସଞ୍ଚରୁଥିବା ନିବିଡତାକୁ ଆଡେଇ,
ପର୍ବତ ଠିଆ କରାଇବେ



ପୁଣି ଚୁରମାର୍ କରିବେ
ସେଇ ପାରିବାର ଅକ୍ଷରମାନେ,
ପଥରରେ ପ୍ରାଣ, ସ୍ୱପ୍ନରେ ଜୀବନ
ପୁଣି ଜୀବନକୁ ନିଃଶ୍ୱାସଶୂନ୍ୟ
କରିପାରନ୍ତି ସେମାନେ,
କେବେ କ୍ଷେପଣାସ୍ତ୍ର ତ
କେବେ ଅକପଟ ମହୁଫେଣାହୋଇ
ତୁମ ଘରର ଏକଡେ ସେକଡେ ପଇନ୍ତରା ମାରୁଥିବେ
ଏବଂ ଦିନେ ଅନଭିଜ୍ଞ ଝଡିପୋକ ପରି କେଉଁ ଏକ ବର୍ଷାରାତିରେ

ମହମବତୀର ଉଲଗ୍ନ ନିଆଁରେ
ତୁମକୁ ଭେଟିବେ
ବୋଧହୁଏ ଭସ୍ମୀଭୂତ ହେବାପାଇଁ
ତୁମ ସମ୍ମୋହନରେ,
ତା'ପରେ ପାଉଁଶରୁ ଅଙ୍କୁରିବେ
ଦଳଦଳ ଚିଠି
କାଳେକାଳେ ମାଡିଯାଉଥିବେ ସେଇ
ଜଳନ୍ତା ବର୍ଷାରାତି ଆଡେ
ପୁନର୍ବାର ଜନ୍ମନେବାପାଇଁ ।

ଓଶିୱାରା , ମୁମ୍ବାଇ
ମୋ-୯୩୨୪୯୬୮୭୮୯

## ଗାଉଁଲି ଝିଅ

ରମାକାନ୍ତ ଦାସ

ଗାଉଁଲି ଝିଅ ସେ ମାଟି ମାଆର ଝିଅ
ରୂପେଲି ନଈର ସେ ଚଞ୍ଚଳ ସୁଅ ।।

ଟିକେ ଫୁଲେଇ ସେ ଅଣ୍ଟ ପାଠୋଇ
ସଭିଁଙ୍କୁ ସ୍ନେହରେ ବାନ୍ଧି ରଖଇ ।।

ପାଦରେ ନାଏ ସେ ସରୁ ଅଳତା
ସନ୍ଧ୍ୟାବେଳେ ଜାଳେ ସଞ୍ଜ ସଳିତା ।।

ଭାରି ସୁନ୍ଦରୀ ସେ ଭାରି ସଂସ୍କାରି
ପ୍ରେମ ବନ୍ଧନରେ ଭରା କୁଆଁରୀ ।।

ମଥାରେ ଟିକିଲି ହାତରେ ଚୁଡ଼ି
ନିତି ପିନ୍ଧଇ ସେ ସୂତା ଶାଢ଼ି ।।

କାଖରେ କଳସୀ ମୁଣ୍ଡରେ ଗରା
କାନରେ ଝୁମୁକା ଗଭାରେ ଗଜରା ।।

ବାରମାସେ କରେ ସେ ତେର ଓଷା
ଭାରି ନିଆରା ତା ପରିଭାଷା ।।

ଆଖିରେ ତାର ଅନେକ ସ୍ୱପ୍ନ
ସହରି ବାବୁ ତା କିଣିଛି ମନ ।।



ଯେବେ ଚାଲିଯିବ ସେ ଶାଶୁଘର
ସ୍ମୃତି ଛାଡ଼ି ଯିବ ଗାଁରେ ତାର ।।

ନନ୍ଦିଗ୍ରାମ , ନାଉଗାଁ,
ଜଗତସିଂହପୁର
ମୋ- ୯୬୬୮୮୧୫୩୬୯

## ଦଗ୍ଧ ଫୁଲବନ


ସ୍ନେହଲତା ନାୟକ

ଏକାଏକା ଆଜି ଲାଗୁଛି ଜୀବନ
ମନ ଭାରି ଅସହାୟ ।
ବସନ୍ତ ବନରେ ଫୁଲ ଫଳ, ହେଲେ
ଛୁଇଁବାକୁ ଲାଗେ ଭୟ ।

ପବନରେ ନାହିଁ ମାଦକ ରୋମାଞ୍ଚ
ନାହିଁ ସେହି ଶିହରଣ ।
ତିଳ ତିଳ ହୋଇ ଜଳୁଛି ଫଗୁଣ
ଛୁଉଁନାହିଁ ତନୁମନ ।

ଅଳସୀ ସନ୍ଧ୍ୟାରେ ନିରୋଳା ସମୁଦ୍ର
କୂଳରେ ପିଟୁଛି ମଥା ।
ନୀଡ଼ ଫେରା ପକ୍ଷୀ ନିରୁତ୍ସାହ କାହିଁ
କାହିଁକି ଏ ନିରବତା ।





ସତେକି ବସନ୍ତ ଫେରିବନି ଆଉ
କୋଇଲି ହୋଇବ ତୁନି ।
ଦଗ୍ଧ ଫୁଲବନ ଧୂସରେ ମିଶିବ
ଫୁଲ ଆଉ ଫୁଟିବନି ।

ବାରିପଦା
ମୋ-୭୦୦୮୯୧୦୯୦୮

## ମଣିଷ

ପ୍ରିୟଦର୍ଶିନୀ ମହାରଣା

ପୁଲକର ଧାରାଏ ବୁହାଇ
ପଲକରେ ସାଇତି ନିଅଇ
ଲୋଡିବାର ଆବୃତ୍ତି ସକଳେ
ଭରିଦିଏ ଜୀବନର ଥାଳି
ଝରିବାର ମୂର୍ତ୍ତ ଉପାଖ୍ୟାନେ
ଆକଣ୍ଠ ଜଳଧ୍ୱନିଏ ମୋ ଦେହ ସଙ୍ଖୋଳି


ଜନ୍ମ ଜନ୍ମ ଖୋଜୁଥାଏ କଥାକୁହା ଆଖି
ରଙ୍ଗ ବେରଙ୍ଗର କେତେ ଫୁଟା ଫୁଲ
ଦେହ ଆଉ ଆତ୍ମା ଭରି ମାଟି ବେଦି
ସୂର୍ଯ୍ୟ ଆଉ ପବନର ଅସରନ୍ତି ଗେଲ
କାହା ସ୍ନେହର ଅଭିଧାନେ
ମୁଁ ଖିଲି ଖିଲି ହସର ଅକ୍ଷର
କାହା ପ୍ରେମ ମେଘ ବନେ
ମୁଁ ଛମ ଛମ ବରଷା ନିର୍ଝର
ପାପୁଲିଏ ଆକାଶ ମୋ ହୃଦର ମଣ୍ଡଣି
ଅଭିସମ୍ପାତ ସଙ୍କୁଳା ଆଲିଙ୍ଗନ କେତେ
ମୋ ପାଇଁ ଜଳନ୍ତା ଦିଗ ବାରେଣୀ

ଡହ ଡହ ଜ୍ୱଳନରେ ମୁଁ
ଜୀବନର ଗୀତ ଗାଏ
ପ୍ରଜାପତିର ଡେଣାରେ
ଝଡର ଗୁଞ୍ଜନ ଛୁଏଁ
ହାରୁଥାଏ ଜିଣିବା ରାହାରେ
ବଞ୍ଚୁଥାଏ ମୃତ୍ୟୁର ଗୁହାରେ
ବାନ୍ଧିହୁଏ ମୁକ୍ତିର ଆବାହନପାଇଁ
ଅନ୍ଧାରରେ ପୋତିହୁଏ
ଧାରେ ଆଲୁଅକୁ ଚାହିଁ ଚାହିଁ..

ଧର୍ମ କର୍ମ ରୀତି ନୀତି ଦର୍ପଣରେ
ବିଭେଦର ପୁରନ୍ତା ତର୍ପଣରେ
ଈଶ୍ୱରଙ୍କ ଚଉପାଢ଼ିରେ
ନ୍ୟାୟ ଅନ୍ୟାୟର ପଶାପାଳିରେ
ଖୋଜୁଥାଏ ଫର୍ଦ୍ଦ ଫର୍ଦ୍ଦ
ମଣିଷ ପଣିଆ



ଆକର୍ଣ୍ଣ ନାସା ଚକ୍ଷୁରେ ମୋର
ବନ୍ଧୁତାର ଅମ୍ଳଜାନ ଭରି
ପରାସ୍ତ କରେ ଶତୃତା
ବିଷ ପିଇ କଣ୍ଟକକୁ ଆଲିଙ୍ଗନ କରି
ନିଘଞ୍ଚ ବନାନୀର ଏକାନ୍ତ ବାସରୁ
ଜନ୍ମ ଜନ୍ମ ଫେରୁଥାଏ ଅମୃତ ବିସ୍ତାରି ।।



ବାଲୁଗାଁ ।।

30 YEARS
ସମ୍ବାଦ କଳିକା



# ନୂଆ ପ୍ରଶିକ୍ଷକ ନିଯୁକ୍ତ କଲା ଓସିଏ



**ଭୁବନେଶ୍ୱର**

ଓଡ଼ିଶା କ୍ରିକେଟ୍ ସଂଘ (ଓସିଏ) ଉଭୟ ପୁରୁଷ ଓ ମହିଳା ପ୍ରଶିକ୍ଷକ ମଣ୍ଡଳୀରେ ୧୭ (୧୧ ପୁରୁଷ, ୬ ମହିଳା) ଜଣଙ୍କୁ ନିଯୁକ୍ତ କରିଛି। ପୂର୍ବରୁ ଓଡ଼ିଶା ବରିଷ୍ଠ ପୁରୁଷ ଦଳର ମୁଖ୍ୟ ପ୍ରଶିକ୍ଷକ ଭାବେ ସୁରେନ୍ଦ୍ର ଭାବେ ଏବଂ ଭି. ଭେଙ୍କଟରାମ ଜିଲ୍ଲା ଓ ରାଜ୍ୟ କ୍ରିକେଟ୍ ଏକାଡେମି ବୈଷୟିକ ନିର୍ଦ୍ଦେଶକ ନିଯୁକ୍ତ ହୋଇଥିଲେ। ଏବେ ଓସିଏ ପୁରୁଷ ଦଳର ପ୍ରଶିକ୍ଷକ ମଣ୍ଡଳୀରେ ଅବକାଶ ଖଟୁଆ, ରଶ୍ମିରଂଜନ ପରିଡ଼ା, ସୁରେଶ କୁମାର, ପ୍ରଭଞ୍ଜନ ମଲ୍ଲିକ, ବସନ୍ତ ମହାନ୍ତି, ଅସ୍‌ଜିତ ଜୟପ୍ରକାଶନ, ରଶ୍ମି ରଂଜନ ଦାସ, ସୌରଭ ସେହଗଲ, ପ୍ରଭାତ ନାୟକ, ପ୍ରୀତମ୍‌ଜିତ ଦାସ, କେଭି ପ୍ରସାଦ ରହିଛନ୍ତି। ମହିଳା ଦଳର ମୁଖ୍ୟ ପ୍ରଶିକ୍ଷକ ଭାବେ ପୂର୍ବତନ ଦିଲ୍ଲୀ କ୍ରିକେଟର୍ ସୁମନ ଶର୍ମା ରହିଥିବା ବେଳେ ତାଙ୍କ ସହ ମଧୁସ୍ମିତା ବେହେରା, କାଦମ୍ବିନୀ ମହାକୁଡ଼, ସ୍ୱାଗତିକା ରଥ, ଟିକିଲତା ପ୍ରଧାନ, ଇତିଶ୍ରୀ ପଟ୍ଟନାୟକ ପ୍ରଶିକ୍ଷକ ଭାବେ ନିଯୁକ୍ତ ହୋଇଛନ୍ତି। ଏମାନେ ସମସ୍ତେ ଓଡ଼ିଶା କ୍ରିକେଟ୍ ଏକାଡେମିର ବିଭିନ୍ନ ଶିବିରରେ କାର୍ଯ୍ୟ କରିବେ। କାର୍ଯ୍ୟ ଦକ୍ଷତା ଏବଂ ଅଭିଜ୍ଞତା ଅନୁଯାୟୀ ଏମାନଙ୍କ ମଧ୍ୟରୁ କିଛି ଜଣ ବିସିସିଆଇ ଘରୋଇ ପ୍ରତିଯୋଗିତାରେ ଓଡ଼ିଶାର ବିଭିନ୍ନ ଦଳର ପ୍ରଶିକ୍ଷକ ଭାବେ କାର୍ଯ୍ୟଭାର ଗ୍ରହଣ କରିବେ। ସମସ୍ତ ନବନିଯୁକ୍ତ ପ୍ରଶିକ୍ଷକଙ୍କୁ ଓସିଏ ସଭାପତି ପ୍ରଣବ ପ୍ରକାଶ ଦାସ, ସମ୍ପାଦକ ସଂଜୟ ବେହେରାଙ୍କ ସହ ସମସ୍ତ କାର୍ଯ୍ୟକର୍ତ୍ତା ଅଭିନନ୍ଦନ ଜଣାଇଛନ୍ତି।

# ଆଇଡବ୍ଲୁଏଫ୍ ବିଶ୍ୱ ଯୁବ ଚାମ୍ପିଅନସିପ୍ ୨୦୨୪ରେ ଓଡ଼ିଆ ଝିଅଙ୍କ ଚମକ

## ପ୍ରୀତିସ୍ମିତାଙ୍କୁ ସ୍ୱର୍ଣ୍ଣ, ଜ୍ୟୋତ୍ସ୍ନାଙ୍କୁ ରୌପ୍ୟ



**ନୂଆଦିଲ୍ଲୀ**

ଗୁରୁବାର ପେରୁ ରାଜଧାନୀ ଲିମାରେ ଅନୁଷ୍ଠିତ ୨୦୨୪ ଆଇଡବ୍ଲ୍ୟୁ ବିଶ୍ୱ ଯୁବ ଚାମ୍ପିୟନସିପ୍‌ରେ ଓଡ଼ିଶାର ପ୍ରୀତିସ୍ମିତା ଭୋଇ ମହିଳା ୪୦ କିଲୋଗ୍ରାମ ବର୍ଗରେ କ୍ଲିନ୍ ଆଣ୍ଡ ଜର୍କରେ ସ୍ୱର୍ଣ୍ଣ ଜିତିଥିବା ବେଳେ ଅନ୍ୟତମ ଓଡ଼ିଆ ପ୍ରତିଯୋଗୀ ଜ୍ୟୋତ୍ସ୍ନା ଶବର ରୌପ୍ୟ ପଦକ ଜିତିଛନ୍ତି।

ଢେଙ୍କାନାଳରେ ଥିବା ଭାରୋତ୍ତୋଳନ ହାଇ ପଫରମାନ୍ସ ସେଣ୍ଟରର ଏକ ଅଂଶ ଭୋଇ ୭୬ କିଲୋଗ୍ରାମ ଉଠାଇ ନୂତନ ବିଶ୍ୱ ରେକର୍ଡ ସ୍ଥାପନା କରି ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ଜ୍ୟୋତ୍ସ୍ନା ୬୯ କିଲୋଗ୍ରାମ ଓଜନ ଭାରୋତ୍ତୋଳନ କରିଥିଲେ। ସେହିଭଳି ତାଲିକାରେ ତୁର୍କୀର ଫତମା ସେନା କୋଲକକ ୬୫ କିଲୋଗ୍ରାମ ଉଠାଇ ତୃତୀୟ ସ୍ଥାନରେ ରହିଛନ୍ତି।

ଦୁହିଁଙ୍କ ଏହି ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସେମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି, ଏବଂ ଏହା ଓଡ଼ିଶାର ଯୁବ ଆଥ୍ଲେଟ୍‌ଙ୍କୁ ଅନୁପ୍ରାଣିତ କରିବ ବୋଲି କହିଛନ୍ତି।

ପୁରୁଷ ୪୯ କିଲୋଗ୍ରାମ ଇଭେଣ୍ଟରେ ଝାଡ଼ଖଣ୍ଡର ବାବୁଲାଲ ହେମ୍ବ୍ରମ ୧୯୩ କିଲୋଗ୍ରାମ (୮୬ + ୧୦୭) ଲିଫ୍ଟ ସହିତ ସମାପ୍ତ ସ୍ଥାନରେ ରହିଥିଲେ, ଯାହା ତାଙ୍କୁ ବ୍ରୋଞ୍ଜ ପଦକ ସୁରକ୍ଷିତ କରିବାରେ ସାହାଯ୍ୟ କରିଥିଲା।

ଅନ୍ତର୍ଜାତୀୟ ଭାରୋତ୍ତୋଳନ ଫେଡେରେସନ (ଆଇଡବ୍ଲୁଏଫ) ପ୍ରଥମ ଥର ପାଇଁ ବିଶ୍ୱ ଯୁବ ଚାମ୍ପିଅନସିପରେ ଦୁଇଟି ପ୍ଲାଟଫର୍ମକୁ ଏକାଠି କରି ପୁରୁଷ ଏବଂ ମହିଳା ପ୍ରତିଯୋଗିତା ଏକାସାଙ୍ଗରେ ଆରମ୍ଭ କରିବାକୁ ଅନୁମତି ଦେଇଛି। ଗତ ବର୍ଷ ଆଲବାନିଆରେ ଚାଲିଥିବା ବିଶ୍ୱ ଯୁବ ଚାମ୍ପିଅନସିପରେ ଭାରତ ଗୋଟିଏ ରୌପ୍ୟ ଏବଂ ଚାରିଟି ବ୍ରୋଞ୍ଜ ଜିତିଥିଲା।

# ଭାରତୀୟ କ୍ରିକେଟ ଟିମ୍ ମୁଖ୍ୟ କୋଚ୍ ଦୌଡ଼ରେ ଗମ୍ଭୀର ଓ ହରଭଜନ

**ନୂଆଦିଲ୍ଲୀ**

ଆସନ୍ତା ଜୁନ୍‌ରେ ସରୁଛି ଭାରତୀୟ କ୍ରିକେଟ ଟିମ୍ ମୁଖ୍ୟ କୋଚ ରାହୁଲ ଦ୍ରାବିଡ଼ଙ୍କ କାର୍ଯ୍ୟକାଳ। ଟି-୨୦ ବିଶ୍ୱକପ ପରେ ଟିମ୍‌କୁ ସମ୍ଭାଳିବେ ନୂଆ କୋଚ୍। ଏଥିପାଇଁ ବିସିସିଆଇ କୋଚ୍ ଚୟନ ପକ୍ରିୟା ଆରମ୍ଭ କରିଦେଇଛି। ମେ’ ୨୭ ହେଉଛି ଆବେଦନର ଶେଷ ଦିନ। ଆଉ ଏହା ପୂର୍ବରୁ ଚର୍ଚ୍ଚାକୁ ଆସିଛନ୍ତି ଅନେକ ଜଣାଶୁଣା ତଥା ଲୋକପ୍ରିୟ ଚେହେରା।

୪୨ ବର୍ଷୀୟ ଗମ୍ଭୀର ବର୍ତ୍ତମାନ କେକେଆର ଟିମ୍‌ର ମେଣ୍ଟର ଅଛନ୍ତି। ଗମ୍ଭୀରଙ୍କ ରଣନୀତିରେ ଦଳ ଚଳିତ ଆଇପିଏଲର ଫାଇନାଲରେ ପହଞ୍ଚିଛି। ଏଥିପାଇଁ ଟିମ୍ ଇଣ୍ଡିଆ ମୁଖ୍ୟ କୋଚ୍ ରେସ୍‌ରେ ଗମ୍ଭୀର ବିସିସିଆଇର ପ୍ରଥମ ପସନ୍ଦ ବୋଲି କୁହାଯାଉଛି। ସେହିପରି ଟିମ୍‌ର କୋଚ୍ ହେବାକୁ ଆଗ୍ରହ ପ୍ରକାଶ କରିଛନ୍ତି ପୂର୍ବତନ କ୍ରିକେଟର ହରଭଜନ ସିଂ। ପୂର୍ବତନ ସ୍ପିନର ହରଭଜନ ସିଂ କହିଛନ୍ତି ଯଦି ତାଙ୍କୁ କୋଚ୍ ଦାୟିତ୍ୱ ମିଳେ ତେବେ ସେ ଏହାକୁ ଖୁସିର ସହ ଗ୍ରହଣ କରିବେ। ଅନ୍ୟପଟେ ଚେନ୍ନାଇ ସୁପର କିଙ୍ଗ୍‌ସ କୋଚ୍ ଷ୍ଟିଫେନ ଫ୍ଲେମିଂଙ୍କୁ ଯୋଗାଯୋଗ କରିଛି ବିସିସିଆଇ। ଫ୍ଲେମିଂଙ୍କ ଅନେକ ପ୍ରଶିକ୍ଷଣ ଅଭିଜ୍ଞତା ରହିଛି। ତାଙ୍କ କୋଚିଂରେ ୫ ଥର ଟାଇଟଲ ଜିତିଛି ଚେନ୍ନାଇ। ଏହାବ୍ୟତୀତ ସେ, ଆମେରିକାର ମେଜର କ୍ରିକେଟ ଲିଗ୍, ଦକ୍ଷିଣ ଆଫ୍ରିକାର ଟେକ୍ସାସ ସୁପର କିଙ୍ଗ୍‌ସ ଓ ଜୋବର୍ଗ ସୁପର କିଙ୍ଗ୍‌ସର କୋଚ ଦାୟିତ୍ୱ ତୁଲାଇଛନ୍ତି। ଏଣୁ ଷ୍ଟିଫେନ କୋଚ୍ ରେସ୍‌ରେ ରହିଛନ୍ତି। ଏହି ରେସ୍‌ରେ ଲକ୍ଷ୍ନୌ ସୁପର ଜାଏଣ୍ଟସର କୋଚ୍ ଜଷ୍ଟିନ ଲାଙ୍ଗର, ମୁମ୍ବାଇ ଇଣ୍ଡିଆନ୍ସ ଟିମ୍ ଗ୍ଲୋବାଲ ପରଫରମାନ୍ସ ମୁଖ୍ୟ ମାହେଲା ଜୟବର୍ଦ୍ଧନେ, ଗୁଜରାଟ ଟାଇଟନ୍ସ କୋଚ୍ ଆଶିଷ ନେହେରା। ତେବେ ଭାରତୀୟ ଟିମ୍‌ର ହେଡ୍ କୋଚ୍ ପାଇଁ ଆବେଦନର ଶେଷ ତାରିଖ ରହିଛି ମେ ୨୭। ଏହା ପୂର୍ବରୁ ଟିମ୍ ଇଣ୍ଡିଆର କୋଚ୍ ହେବାକୁ ଇଚ୍ଛୁକ ପ୍ରାର୍ଥୀମାନେ ଆବେଦନ କରିପାରିବେ। ରାହୁଲ ଦ୍ରାବିଡ଼ଙ୍କ ପରେ ଜୁଲାଇ ୨୦୨୪ରୁ ଡିସେମ୍ବର ୨୦୨୭ ପର୍ଯ୍ୟନ୍ତ ଦାୟିତ୍ୱରେ ରହିବେ ନୂଆ କୋଚ୍।

## ଭାରତର କୋଚ୍ ହେବାକୁ ମନା କଲେ ରିକି ପଣ୍ଟିଂ

**ନୂଆଦିଲ୍ଲୀ**

ବିସିସିଆଇ ଜଣେ ନୂତନ ମୁଖ୍ୟ କୋଚ୍ ଖୋଜିବାରେ ବ୍ୟସ୍ତ ଅଛି। ମୁଖ୍ୟ କୋଚ୍‌ଙ୍କ ରେସ୍‌ରେ ଥିବା ରିକି ପଣ୍ଟିଂ ପଛକୁ ହଟିଯାଇଛନ୍ତି। ସେ ଏହି ପଦ ଗ୍ରହଣ କରିବାକୁ ମନା କରି ଦେଇଛନ୍ତି। ପଣ୍ଟିଂ ବର୍ତ୍ତମାନ ଆଇପିଏଲରେ ଦିଲ୍ଲୀ କ୍ୟାପିଟାଲ୍ସର ମୁଖ୍ୟ କୋଚ୍ ଅଟନ୍ତି। ପଣ୍ଟିଂ କହିଛନ୍ତି, ସେ ଭାରତୀୟ ଦଳର ମୁଖ୍ୟ କୋଚ୍ ହେବାକୁ ଆଗ୍ରହୀ ଥିଲେ, କିନ୍ତୁ ମନା କରିବାର ତାଙ୍କର ନିଜସ୍ୱ କାରଣ ଥିଲା। ସବୁଠୁ ବଡ଼ କାରଣ ହେଉଛି ତାଙ୍କ ବ୍ୟସ୍ତ କାର୍ଯ୍ୟସୂଚୀ ଏବଂ ପରିବାର ସହିତ ବିତାଇବା ପାଇଁ ସମୟ। ଭାରତୀୟ ଦଳର ମୁଖ୍ୟ କୋଚ୍‌ଙ୍କୁ ଗୋଟିଏ ବର୍ଷରେ ପ୍ରାୟ ୧୦-୧୧ ମାସ କାମ କରିବାକୁ ପଡ଼ିବ। ଏଥିସହ ଏହି ପୋଷ୍ଟକୁ ଗ୍ରହଣ କରିବା ଅର୍ଥ ହେଉଛି ଯେ ସେ ଆଇପିଏଲରେ କୌଣସି ଦଳକୁ ପ୍ରଶିକ୍ଷଣ ଦେଇ ପାରିବେ ନାହିଁ। ପଣ୍ଟିଂ ଆଇପିଏଲରେ କୋଚିଂ ପସନ୍ଦ କରନ୍ତି ଏବଂ ତାଙ୍କ ପରିବାର ସହିତ ସମୟ ବିତାଇବାକୁ ମଧ୍ୟ ଚାହାନ୍ତି। ତାଙ୍କ ପିଲାମାନେ ମଧ୍ୟ ଭାରତରେ ରହିବାକୁ ପସନ୍ଦ କରନ୍ତି।

# ଆସନ୍ତା ବର୍ଷ ଆରସିବି ଅଧିକ ଶକ୍ତିଶାଳୀ ଢଙ୍ଗରେ ଫେରିବ ଆରସିବି : ଏବି ଡି ଭିଲିୟର୍ସ



**ଅହମ୍ମଦାବାଦ**

ଆଇପିଏଲ ୨୦୨୪ର ଏଲିମିଟର ମ୍ୟାଚ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ରାଜସ୍ଥାନ ରୟାଲ୍ସ ବିପକ୍ଷରେ ହାରିଛି। ଏହି ପରାଜୟ ସହିତ ପୁଣି ଥରେ ବେଙ୍ଗାଲୁରୁର ପ୍ରଥମ ଟ୍ରଫି ଜିତିବାର ସ୍ୱପ୍ନ ଭାଙ୍ଗି ଯାଇଛି। ଏହି ପରାଜୟ ଆରସିବିର ପ୍ରଶଂସକଙ୍କ ପାଇଁ ଅତ୍ୟନ୍ତ ଯନ୍ତ୍ରଣାଦାୟକ ଥିଲା। ବେଙ୍ଗାଲୁରୁର ଏହି ପରାଜୟ ପରେ ଦଳର ପୂର୍ବତନ ଭେଟେରାନ ବ୍ୟାଟ୍ସମ୍ୟାନ ଏବି ଡି ଭିଲିୟର୍ସ ମଧ୍ୟ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଛନ୍ତି।

ଡି ଭିଲିୟର୍ସ ସୋସିଆଲ ମିଡିଆ ମାଧ୍ୟମରେ ନିଜର ଦୁଃଖ ପ୍ରକାଶ କରିଥିଲେ। ତେବେ ଆରସିବି ପରାଜୟ ପରେ ଏବି ମଧ୍ୟ ଗୋଟିଏ ଜିନିଷକୁ ନେଇ ଖୁସି ମନେ ହେଉଥିଲେ। ଡି ଭିଲିୟର୍ସ କହିଛନ୍ତି, ସମସ୍ତ ଆଶା ଶେଷ ହେବା ପରେ ମଧ୍ୟ ଦଳ ପ୍ରତ୍ୟାବର୍ତ୍ତନ କରିଥିଲା ଏବଂ ସେ ଏହାକୁ ବହୁତ ପସନ୍ଦ କରିଥିଲେ। ମୁଁ ନିଶ୍ଚିତ ଯେ ଆସନ୍ତା ବର୍ଷ ଆରସିବି ଅଧିକ ଶକ୍ତିଶାଳୀ ଢଙ୍ଗରେ ଫେରିବ।

ସୂଚନାଯୋଗ୍ୟ, ବୁଧବାର ରାଜସ୍ଥାନ ରୟାଲ୍ସ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁକୁ ୪ ୱିକେଟରେ ପରାସ୍ତ କରିଥିଲା।

# ୱାକାଥନ୍ ମାଧ୍ୟମରେ ଭୋଟର୍ ସଚେତନତା




**କଟକ, ନ୍ୟୁଜ୍‌ବ୍ୟୁରୋ**

ଆସନ୍ତା ମେ ୨୫ ତାରିଖରେ କଟକ ଜିଲ୍ଲାର ଲୋକସଭା ନିର୍ବାଚନ ମଣ୍ଡଳୀ ଓ ଏହା ଅଧୀନସ୍ଥ ବାରବାଟୀ- କଟକ, ଚୌଦ୍ୱାର-କଟକ, କଟକ ସଦର, ଆଠଗଡ, ବାଙ୍କୀ ଓ ବଡମ୍ବା ବିଧାନସଭା ନିର୍ବାଚନ ମଣ୍ଡଳୀ ନିମନ୍ତେ ଭୋଟ ଗ୍ରହଣ ଅନୁଷ୍ଠିତ ହେବ। ଏହି ଭୋଟ ଗ୍ରହଣ ପାଇଁ ପ୍ରଶାସନିକ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ଭୋଟ୍ ଦାନ ବୃଦ୍ଧି ପାଇଁ ଭୋଟରମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଏକ ୱାକାଥନ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜବାହାରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରୁ ବାହାରିଥିବା ଏହି ୱାକାଥନ୍‌ରେ ୨୦୦ରୁ ଅଧିକ ଯୁବକ ଯୁବତୀ ପ୍ଲାକାର୍ଡ ମାନ ପ୍ରଦର୍ଶନ କରି ବାରବାଟୀ ଦୁର୍ଗ, କନଭେଣ୍ଟ ସ୍କୁଲ, ଆନନ୍ଦ ଭବନ, ଶାରଳା ଭବନ ଛକ ଆଦି ପରିକ୍ରମା କରିଥିଲା। ନିର୍ବାଚନ ପ୍ରକ୍ରିୟାରେ ସକ୍ରିୟ ଅଂଶଗ୍ରହଣ ନିମନ୍ତେ ପ୍ରତିବଦ୍ଧତା ଏବଂ ମତଦାନ କରିବାର ମହତ୍ତ୍ୱ ବିଷୟରେ ସଚେତନତା ସୃଷ୍ଟି କରି ଆଗାମୀ ନିର୍ବାଚନରେ ଶତପ୍ରତିଶତ ଭୋଟଦାନ ସୁନିଶ୍ଚିତ କରାଇବା ଲକ୍ଷ୍ୟରେ ଏହି ୱାକାଥନ ଆୟୋଜିତ ହୋଇଥିଲା। ଅଲିମ୍ପିଆନ୍ ଡି. ପି. ଇରାନୀ ଏହି ୱାକାଥନକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସୁବାସ ଚନ୍ଦ୍ର ରାୟ, ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ, ଅତିରିକ୍ତ ଜିଲ୍ଲାପାଳ ଡକ୍ଟର ଦିବ୍ୟଲୋଚନ ମହାନ୍ତ, ଓରମାସ୍ କଟକର ଯୁଗ୍ମ ମୁଖ୍ୟ ନିର୍ବାହୀ ଅଧିକାରୀ ବିପିନ୍ ବିହାରୀ ରାଉତ, ଜିଲ୍ଲା କ୍ରୀଡା ଅଧିକାରୀ ରଶ୍ମିରଞ୍ଜନ ସାମନ୍ତରାୟ, ଜିଲ୍ଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ ଓ ବିଭିନ୍ନ ଅଧିକାରୀ ତଥା କର୍ମଚାରୀ ଉପସ୍ଥିତ ଥିଲେ।

# ଲକ୍ଷ୍ୟ, ସିନ୍ଧୁଙ୍କୁ ବିଦେଶରେ ଟ୍ରେନିଂ ନେବାକୁ ମିଳିଲା ସୁଯୋଗ



**ପ୍ୟାରିସ**

ଅଲିମ୍ପିକ ପ୍ରସ୍ତୁତି ପାଇ ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି ଲକ୍ଷ୍ୟ ସେନ୍ ଓ ପି.ଭି. ସିନ୍ଧୁଙ୍କୁ ଫ୍ରାନ୍ସ ଏବଂ ଜର୍ମାନୀରେ ଟ୍ରେନିଂ ନେବାକୁ ସୁଯୋଗ ମିଳିଛି। ଏବାବଦରେ ସେମାନଙ୍କ ସମସ୍ତ ଖର୍ଚ୍ଚ କ୍ରୀଡ଼ା ମନ୍ତ୍ରଣାଳୟର ମିଶନ ଅଲିମ୍ପିକ ସେଲ୍ (ଏମ୍‌ଓସି) ମଞ୍ଜୁର କରିଛି।

ସେନ୍ ପ୍ୟାରିସ୍ ଅଲିମ୍ପିକ୍ସ ପୁରୁଷ ସିଙ୍ଗଲ୍ସରେ ଭାଗ ନେବେ। ସେ ଫ୍ରାନ୍ସର ମର୍ସିଲି ଅନ୍ତର୍ଗତ ଦି ହାଲେ ଡେସ୍ ସ୍ପୋଟରସ୍ ପାର୍ସମେନ୍‌ଠାରେ ୧୨ ଦିନ ଧରି ଟ୍ରେନିଂ ନେବେ। ତାଙ୍କ ସହିତ କୋଚ୍ ଏବଂ ସପୋର୍ଟ ଷ୍ଟାଫ୍ ମଧ୍ୟ ଗସ୍ତ କରିବେ। ଅଲିମ୍ପିକ ଗେମ୍ସ ଜୁଲାଇ ୮ରୁ ୨୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

ସିନ୍ଧୁ ଜର୍ମାନୀର ସାର୍‌ବ୍ରକେନଠାରେ ଅନୁଷ୍ଠିତ ହରମାନ-ନେଉବର୍ଗର ସ୍ପୋଟର୍‌ସ ସ୍କୁଲରେ ଟ୍ରେନିଂ ନେବେ। ପ୍ୟାରିସ ଗସ୍ତ କରିବା ପୂର୍ବରୁ ସେ ତାଙ୍କ କୋଚ୍ ଏବଂ ସପୋର୍ଟ ଷ୍ଟାଫ୍‌ଙ୍କ ସହ ଏକ ମାସ ଧରି ଟ୍ରେନିଂ ନେବେ। ଖେଳାଳି ଦ୍ୱୟଙ୍କ ବିମାନ ଖର୍ଚ୍ଚ, ବୋର୍ଡିଂ ଓ ଲଜିଂ ଖର୍ଚ୍ଚ, ସ୍ଥାନୀୟ ପରିବହନ, ଭିଜା ଫି’ ଏବଂ ସଟଲକକ୍ ବାବଦରେ ସମସ୍ତ ଖର୍ଚ୍ଚ ଏମ୍‌ଓସି ଦ୍ୱାରା ଗୃହୀତ ହୋଇଛି।

# ପବିତ୍ର ବୁଦ୍ଧ ଜୟନ୍ତୀ ଉପଲକ୍ଷେ ଶାନ୍ତି ପଦଯାତ୍ରା



**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ପବିତ୍ର ବୁଦ୍ଧ ଜୟନ୍ତୀ ଉପଲକ୍ଷେ ଗୁରୁବାର ପୂର୍ବାହ୍ନରେ ରାଜ୍ୟ ଯୁବ ସାମ୍ମୁଖ୍ୟ ସମିତି ଆନୁକୂଲ୍ୟରେ କଳିଙ୍ଗ ହସ୍ପିଟାଲ ଛକରୁ ଏକ ଶାନ୍ତି ପଦଯାତ୍ରା ବାହାରି ମହାତ୍ମା ଗାନ୍ଧୀ ପାର୍କରେ ପହଞ୍ଚି, ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏହି ଶାନ୍ତି ପଦଯାତ୍ରାରେ ବହୁ ବିଶିଷ୍ଟ ମାନ୍ୟନଗଣ୍ୟ ବ୍ୟକ୍ତି ଯୋଗଦାନ କରିଥିଲେ। ବିଶ୍ୱ ଦରବାରରେ ମନୁଷ୍ୟ ରୂପୀ ଭଗବାନ ଜନ୍ମଗ୍ରହଣ କରି ଧର୍ମ ପ୍ରଚାରକ ରୂପେ ସ୍ଥାନିତ ହୋଇଛନ୍ତି। ସମସ୍ତଙ୍କ ଠାରୁ ବୁଦ୍ଧଦେବ ଏକ ସ୍ୱତନ୍ତ୍ର ରୂପରେ ରୂପାୟିତ। ଜନ୍ମ, ଜ୍ଞାନପ୍ରାପ୍ତି ଓ ନିର୍ବାଣପ୍ରାପ୍ତି ଗୋଟିଏ ପୂର୍ଣ୍ଣିମାରେ ହୋଇଛି, ତାହା ହେଉଛି ବୈଶାଖ ପୂର୍ଣ୍ଣିମା ଯାହା ମଧ୍ୟ ବୁଦ୍ଧପୂର୍ଣ୍ଣିମା ନାମରେ ନାମିତ। ଏହି ଉପଲକ୍ଷେ ଯୁବ ସାମ୍ମୁଖ୍ୟ ସମିତିର ସମ୍ପାଦକ ଅଭୟ ବଡ଼ଜେନା, ସ୍ତମ୍ଭକାର ସୁଧାଂଶୁ ମହାପାତ୍ର, ଗିରିଜା ଶଙ୍କର ମହାପାତ୍ର, କେଶବ ରଣା, ପ୍ରମୋଦ ପରିଡ଼ା, ଦୁଷ୍ମନ୍ତ ବେହେରା, ଆନନ୍ଦ ଚନ୍ଦ୍ର ପଟ୍ଟନାୟକ, ବ୍ରଜବନ୍ଧୁ ପରିଡ଼ା, ନିର୍ମଳ ମଲ୍ଲିକ ପ୍ରମୁଖ ଶାନ୍ତି ପଦଯାତ୍ରାରେ ଯୋଗଦାନ କରିଥିଲେ।

# ଧାମନଗର କଲେଜର ମୁଖ୍ୟ କିରାଣି ପଦବୀକୁ ନେଇ ଦ୍ୱନ୍ଦ୍ୱରେ ଅଭିଭାବକ

**ଧାମନଗର, ନ୍ୟୁଜ୍‌ବ୍ୟୁରୋ**

କିଛି ଦିନ ହେବ ଧାମନଗର କଲେଜ ବିଭିନ୍ନ ସମସ୍ୟା ନେଇ ବିବାଦ ରହି ଆସିଛି। ନିକଟରେ କଲେଜର ପରିଚାଳନା କମିଟିର ସଭାପତି ପଦକୁ ନେଇ ବିବାଦ ବଢିଥିଲାପରେ ଅଧକ୍ଷ ବନମାଳୀ ଦାସଙ୍କ ଅବସର ପରେ ନୂତନ ଅଧକ୍ଷକୁ ନେଇ ବିବାଦ ପରେ ନୂତନ ଅଧକ୍ଷ ଏମ୍‌ଡି ଇସ୍ରାଏଲ ନିଯୁକ୍ତି ହୋଇଛନ୍ତି। ତେବେ ଘରେ ପସୁ ପସୁ ଅଧକ୍ଷ ଏବେ ପୁଣି ଏକ ବିବାଦରେ ଛନ୍ଦି ହୋଇପଡ଼ିଛନ୍ତି। ସୂଚନା ଥାଉକି କି ନୂତନ ଅଧକ୍ଷ ଦାୟିତ୍ୱ ନେବାପରେ କଲେଜର ମୁଖ୍ୟ କିରାଣି ଥିବାବେଳେ ଆଉ ଜଣଙ୍କୁ ପୁଣି ଦାୟିତ୍ୱ ଦେଇଛନ୍ତି। ଉଚ୍ଚ ଶିକ୍ଷା ବିଭାଗର ଚିଠି ନମ୍ବର ୪୩୦୮୨/୨୩ ତା ୪/୧୦/୨୩ ରିଖରେ ଆଦେଶ ଅନୁଯାୟୀ କଲେଜର ଏକମାତ୍ର ସରକାରୀ ସ୍ୱୀକୃତିପ୍ରାପ୍ତ ଅଫିସ ସହାୟକ ଜିଜ୍ଞାସୁ ଦାଶ ବରିଷ୍ଠ ମୁଖ୍ୟ କିରାଣୀକୁ ଉତ୍ତୀର୍ଣ୍ଣ ହେବା ପରେ ସେତେବେଳର ଅଧକ୍ଷ ବନମାଳୀ ଦାସ କଲେଜ ଚିଠି ନମ୍ବର ୧୨୦/୨୩ରେ ତା ୩୦/୧୦/୨୩ ରିଖରେ ଶ୍ରୀ ଦାସଙ୍କୁ ମୁଖ୍ୟ ଅଫିସ ସହାୟକ ଦାୟିତ୍ୱ ଦେଇଥିଲେ। ପରନ୍ତୁ ଏବେ ନୂତନ ଅଧକ୍ଷ ଏମ୍.ଡି. ଇସ୍ରାଏଲ ଦାୟିତ୍ୱ ନେବା ପରେ କୌଣସି ଉଚ୍ଚ କର୍ତ୍ତୃପକ୍ଷଙ୍କ ବିନା ନିର୍ଦ୍ଦେଶନାମାରେ ନୂତନ ଅଧକ୍ଷ ଚିଠି ନମ୍ବର ୨୭୨/୨୪ ତା ୧୩/୫/୨୪ ରିଖରେ ବ୍ଲକ୍ ଗ୍ରାଣ୍ଟରେ ଥିବା ଅଫିସ ସହାୟକ ପ୍ରକାଶ କୁମାର ମହାପାତ୍ରଙ୍କୁ ମୁଖ୍ୟ ଅଫିସ ସହାୟକ (ମୁଖ୍ୟ କିରାଣୀ) ଭାବେ ଅବସ୍ଥାପିତ କରିବା ପାଇଁ ଅଧକ୍ଷ ନିର୍ଦ୍ଦେଶନାମା ଜାରି କରିଛନ୍ତି। ତେବେ ନୀତିନିୟମକୁ ଉଲ୍ଲଂଘନ କରି ଶ୍ରୀ ମହାପାତ୍ରଙ୍କୁ ଏହି ଦାୟିତ୍ୱ ଦେଇ ଏବେ ଅଧକ୍ଷ ବିବାଦରେ ରହିଛନ୍ତି। ସୂଚନା ଥାଉକି ଉକ୍ତ କଲେଜ ସରକାରୀ ସ୍ୱୀକୃତି ପ୍ରାପ୍ତରେ ମୁଖ୍ୟ ସହାୟକ କିରାଣି କୃତିବାସ ତ୍ରିପାଠୀ, କନିଷ୍ଠ କିରାଣି ପ୍ରତାପ ମହାନ୍ତି, ପିତାମ୍ବର ଦାସ, ଅଶୋକ ନାୟକ ଓ ଜିଜ୍ଞାଶୁ ଦାସ ଥିବା ବେଳେ ବ୍ଲକ୍ ଗ୍ରାଣ୍ଟରେ ମଦନ ଭୂୟାଁ, ପ୍ରକାଶ ମହାପାତ୍ର ଓ ସୁରେନ୍ଦ୍ର ଜେନା ରହିଛନ୍ତି। କୃତିବାସ, ପ୍ରତାପ, ପୀତାମ୍ବର, ଅଶୋକ ଓ ମଦନଙ୍କର ଅବସର ହୋଇଛି। ଦୀର୍ଘଦିନ ହେବ ଉପରୋକ୍ତ



ପଦବୀ ବି ଫାଙ୍କା ରହିଛି। ନିୟମ ଅନୁଯାୟୀ ଜିଜ୍ଞାସୁ ଦାସକୁ ମୁଖ୍ୟ କିରାଣି ଦାୟିତ୍ୱ ଦିଆଯାଇଥିବା ବେଳେ ଏବେ ଶ୍ରୀ ମହାପାତ୍ରଙ୍କୁ ନୂତନ ଅଧକ୍ଷ ଦାୟିତ୍ୱ ଦେଇଛନ୍ତି। ଉକ୍ତ ଘଟଣାକୁ ନେଇ ମଧ୍ୟ ସଧାରଣରେ ସମାଲୋଚନା ହୋଇଛି। ସମ୍ପର୍କରେ ଅଧକ୍ଷଙ୍କ ସହ ଯୋଗାଯୋଗ କରାଯାଇଥିଲା। ଜଣେ ମୁଖ୍ୟ କିରାଣୀ (ଅଫିସ ସହାୟକ) ଥିବା ବେଳେ କିପରୀ ଅନ୍ୟ ଜଣଙ୍କୁ ଦାୟିତ୍ୱ ଦିଆଗଲା ? ଅଧକ୍ଷଙ୍କର ସେ କ୍ଷମତା ରହିଛି ବୋଲି ଅଧକ୍ଷ କହିଥିଲେ। ତେବେ ଉକ୍ତ ଘଟଣାକୁ ଉଚ୍ଚ ଶିକ୍ଷା ବିଭାଗ ଗୁରୁତର ସହ ଦୃଷ୍ଟି ଦେବାକୁ ଅଭିଭାବକ ଦାବି କରିଛନ୍ତି।

# ବିଧାୟକ ବଦ୍ରି ପାତ୍ରଙ୍କ ସାନ ଭାଇ ହରମୋହନ ପାତ୍ରଙ୍କ ପରଲୋକ

**ଆନନ୍ଦପୁର, ନ୍ୟୁଜ୍‌ବ୍ୟୁରୋ**

ଘଷିପୁରା ବ୍ଲକ ଅନ୍ତର୍ଗତ ଗଡ଼ବାନ୍ଧ ଗୋଡ଼ ଗ୍ରାମର ବିଶିଷ୍ଟ ସମାଜସେବୀ ତଥା ବିଧାୟକ ବଦ୍ରି ନାରାୟଣ ପାତ୍ରଙ୍କ ସାନ ଭାଇ ହରମୋହନ ପାତ୍ର ୬୫ ରେ ହୃଦ୍‌ଘାତରେ ପରଲୋକ ଘଟିଛି। ସକାଳେ ଛାତି ଯନ୍ତ୍ରଣା ପରେ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ର ସାଇଙ୍କୁଳ ନିଆଯାଉଥିବା ବାଟରେ ତାଙ୍କର ପ୍ରାଣବାୟୁ ଉଡ଼ି ଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା ପରେ ନିଜ ବାସ ଭବନକୁ ଅଣାଯାଇଥିଲା। ଏହି ଖବର ଚାରିଆଡ଼କୁ ବିଦ୍ୟୁତ ବେଗରେ ପ୍ରସାରିତ ହୋଇଯିବାଥିବା ବେଳେ ତାଙ୍କ ବାସଭବନ କ୍ଷଣିକ ମଧ୍ୟରେ ଲୋକାରଣ୍ୟ ହେଇଯାଇଥିଲା। ତାଙ୍କ ମର ଶରୀର ନିକଟରେ ପତ୍ନୀ ଜୟନ୍ତୀ ଯାଆ ତଥା ବିଧାୟକଙ୍କ ପତ୍ନୀ ମଞ୍ଜୁଲତା, ବିଧାୟକଙ୍କ ଭାଇ ଉଦ୍ୟୋଗୀ ମନମୋହନ ପାତ୍ର, ଏକ ମାତ୍ର ଶଳା ଆଇନଜୀବୀ ବିଚିତ୍ର କୁମାର ଚକ୍ର, ସନ୍ତୁ କ୍ଷମକର, ଜେନା ପୁତୁରା ଦେଶବନ୍ଧୁ ଦେବଦାସ ପାତ୍ର, ଦେବାଶିଷ ପାତ୍ର, ପୁଅ ବୋହୂ ତଥା ବନ୍ଧୁ ବାନ୍ଧବ ଏବଂ ଗ୍ରାମବାସୀ ପ୍ରମୁଖ ଉପସ୍ଥିତ ଥିବା ବେଳେ ତାଙ୍କୁ ଏକ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରାର ଗ୍ରାମ ପରିକ୍ରମା କରି ଗ୍ରାମସ୍ଥିତ ଶ୍ମଶାନ ଘାଟ ଠାରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

# ବିଭିନ୍ନ ପ୍ରାର୍ଥୀ ଓ ଜିଲ୍ଲାପାଳଙ୍କ ଉପସ୍ଥିତିରେ ସିଲ୍ ହେଲା ଇଭିଏମ୍ ଷ୍ଟ୍ରଙ୍ଗରୁମ୍



**ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ**

ବୌଦ୍ଧ ପଞ୍ଚାୟତ କଲେଜଠାରେ ଖୋଲା ଯାଇଥିବା ଷ୍ଟ୍ରଙ୍ଗରୁମ୍ ଠାରେ ବୌଦ୍ଧ ଓ କନ୍ଧମାଳ ବିଧାନସଭା ନିର୍ବାଚନ ମଣ୍ଡଳୀର ଉଭୟ ଲୋକସଭା ଓ ବିଧାନସଭା ନିର୍ବାଚନର ଇଭିଏମଗୁଡିକ ରଖାଯିବା ପରେ ସିଲ୍ କରାଯାଇଛି। ଅପରାହ୍ଣ ୪ ଘଣ୍ଟା ସମୟରେ ଉଭୟ ନିର୍ବାଚନ ମଣ୍ଡଳୀରେ ମତଦାନ ସରିବା ପରେ ସନ୍ଧ୍ୟାରୁ ପୋଲିଂ ପାର୍ଟିମାନେ ଇଭିଏମ୍‌ଗୁଡିକ ଆଣି ଦାୟିତ୍ୱରେ ଥିବା ଅଧିକାରୀମାନଙ୍କ ନିକଟରେ ଦାଖଲ କରିଥିଲେ। ବୁଧବାର ସକାଳ ୬ଟା ସୁଦ୍ଧା ସବୁ ଇଭିଏମ ପହଞ୍ଚି ଯାଇଥିଲା। ଇଭିଏମ୍ ଷ୍ଟ୍ରଙ୍ଗରୁମ୍ ସିଲ୍ ସମୟରେ ଜିଲ୍ଲାପାଳ ଜେ. ସୋନାଲଙ୍କ ସମେତ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀଙ୍କ ପ୍ରତିନିଧିମାନେ ଉପସ୍ଥିତ ଥିଲେ। କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଷ୍ଟ୍ରଙ୍ଗରୁମ୍‌କୁ ରଖାଯାଇଛି। ଆସନ୍ତା ଜୁନ ୪ ତାରିଖରେ ମତଗଣନା ପାଇଁ ଖୋଲାଯିବ ବୋଲି ଜଣାପଡ଼ିଛି।

# ଭାରତୀୟ ଜନତା ପାର୍ଟିର ପୋଷ୍ଟର ହଟାଇବାକୁ ତୀବ୍ର ନିନ୍ଦା



**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

ଭାରତୀୟ ଜନତା ପାର୍ଟି କେନ୍ଦ୍ରାପଡ଼ା ଜିଲ୍ଲା ଶାଖା ତରଫରୁ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ପ୍ରଶାସନ ବିଜେପିର ପୋଷ୍ଟରକୁ କେତେକ ସ୍ଥାନରୁ ହଟାଇ ଥିବାରୁ ଦଳ ତରଫରୁ ଏହାକୁ ତୀବ୍ର ନିନ୍ଦା କରାଯାଇଛି। ଏନେଇ ଗରାପୁର ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀ ରେ ଲୋକସଭା ସଞ୍ଚାଳକ କମିଟିର ମୁଖ୍ୟ ସଂଜୟ ରଥ ଏବଂ ଅନୁସୂଚିତ ଜାତି ମୋର୍ଚ୍ଚାର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କଳ୍ପନା ମଲିକ, ମିଡିଆ ସେଲ ପ୍ରମୁଖ ନେହେରୁ କୁମାର ସାହୁଙ୍କ ଉପସ୍ଥିତି ରେ ୨୦୨୪ ନିର୍ବାଚନରେ କେନ୍ଦ୍ରାପଡା ଜିଲ୍ଲାରେ ମହିଳା ମାନଙ୍କୁ ଶପଥ ପାଠ କରାଇ କିଛି ମୁଷ୍ଟିମେୟ କର୍ମୀ ବିଜେଡି ସପକ୍ଷରେ ପ୍ରଚାର କରୁଛନ୍ତି। ଯାହାକି ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରୁଛି। ଏହା ସହିତ ୫ଟି ଅଧକ୍ଷ ନିର୍ବାଚନ ପ୍ରଚାରରେ କେନ୍ଦ୍ରାପଡା ଆସୁଥିବାରୁ ଏହାକୁ ତୀବ୍ର ନିନ୍ଦା କରାଯାଇଛି। ଏଥି ସହ ଆଗାମୀ ଦିନରେ ଏହାର ଉଚିତ୍ ଜବାବ ଜନତା ଭୋଟ ମାଧ୍ୟମରେ ଦେବେ ବୋଲି ଉକ୍ତ ସାମ୍ବାଦିକ ସମ୍ମିଳନୀ ରେ ପ୍ରକାଶ କରିଛନ୍ତି। ଗୁରୁବାର ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ କେନ୍ଦ୍ରାପଡ଼ା ଲୋକସଭା କ୍ଷେତ୍ରକୁ ପ୍ରଚାରରେ ଆସୁଥିବାରୁ ତାଙ୍କ ସ୍ୱାଗତ କରିବା ପାଇଁ ଜନ ସାଧାରଣଙ୍କୁ ଅନୁରୋଧ କରିଛନ୍ତି।

# ଚିଲିକାରେ ପୁରନ୍ଦର ମିଶ୍ରଙ୍କର ଘମାଘୋଟ ପ୍ରଚାର



**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଛତିଶଗଡ଼ ରାଜ୍ୟ ଭାରତୀୟ ଜନତା ପାର୍ଟି ତରଫରୁ ଓଡ଼ିଶାର ନିର୍ବାଚନ ପାଇଁ ନିଯୁକ୍ତ ସହ-ପ୍ରଭାରୀ ଏବଂ ରାୟପୁର ନଗର ଉତ୍ତରର ବିଧାୟକ ପୁରନ୍ଦର ମିଶ୍ର ଚିଲିକା ନିର୍ବାଚନ ମଣ୍ଡଳୀରେ ଘମାଘୋଟ ପ୍ରଚାର କରୁଥିବା ଜଣାଯାଇଛି। ଶ୍ରୀ ମିଶ୍ର ଚିଲିକାର ବିଭିନ୍ନ ଅଞ୍ଚଳରେ ପଥପ୍ରାନ୍ତ ସଭାମାନଙ୍କୁ ସମ୍ବୋଧନ ଓ ରୋଡ଼ ଶୋ’ରେ ଅଂଶ ଗ୍ରହଣ କରି ଦଳର ବିଧାନସଭା ପ୍ରାର୍ଥୀ ପୃଥ୍ୱୀରାଜ ହରିଚନ୍ଦନ ଓ ଲୋକସଭା ପ୍ରାର୍ଥୀ ଡଃ ସମ୍ବିତ ପାତ୍ରଙ୍କୁ ବିପୁଳ ସଂଖ୍ୟାରେ ଭୋଟ୍ ଦାନକରି ଜୟଯୁକ୍ତ କରିବାକୁ ନିବେଦନ କରିଥିଲେ। ଶ୍ରୀ ମିଶ୍ରଙ୍କ ସହିତ ପ୍ରଚାର ଅଭିଯାନରେ ପ୍ରାର୍ଥୀ ଶ୍ରୀ ହରିଚନ୍ଦନ, ଦଳରେ ଓଡ଼ିଶାର ପ୍ରଭାରୀ ବିଜୟ ସିଂହ ତୋମାର ଏବଂ ସହ-ପ୍ରଭାରୀ ଲତା ଉଷେଣ୍ଡି ପ୍ରମୁଖ ସାମିଲ ଥିବାର ଦେଖା ଯାଇଥିଲା। ବିଭିନ୍ନ ସ୍ଥାନରେ ଉଦବୋଧନ ଦେଇ ଶ୍ରୀ ମିଶ୍ର ପାଖାପାଖି ୨୫ ବର୍ଷ ହେଲା ଓଡ଼ିଶାରେ ଅଣଓଡ଼ିଆଙ୍କର ରାଜୁତି ଚାଲିଥିବା କ୍ଷୋଭର ସହିତ ଦର୍ଶାଇଥିଲେ। ଓଡ଼ିଶା ଆଉ ପୂର୍ବର ଓଡ଼ିଶା ହୋଇନାହିଁ ବୋଲି ଶ୍ରୀ ମିଶ୍ର ଅଭିଯୋଗ କରିଥିଲେ। ରାଜ୍ୟର ସଂସ୍କୃତି, ସଂସ୍କାର ଓ ଭାଷା ସଙ୍କଟାପନ୍ନ ଅବସ୍ଥାରେ ରହିଥିବା ସେ ସୂଚାଇଥିଲେ। ଏଣୁ ଏଠାରେ ବିଜେପିର ଡବଲ ଇଞ୍ଜିନ ସରକାର ପ୍ରତିଷ୍ଠା କରାଗଲେ ରାଜ୍ୟର କୃଷକ, ମହିଳା, ଯୁବସମ୍ପ୍ରଦାୟ ଏବଂ ଗରିବ ଗୁରୁବା ପ୍ରଗତିର ଶିଖର ସ୍ତରରେ ପହଞ୍ଚି ପାରିବେ ବୋଲି ଶ୍ରୀ ମିଶ୍ର ପ୍ରକାଶ କରିଥିଲେ। ଓଡ଼ିଶାର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ଓଡ଼ିଆ ଭାଷା ଜାଣିଥିବା, ରାଜ୍ୟବାସୀଙ୍କର ଦୁଃଖସୁଖରେ ଭାଗୀଦାର ହେଉଥିବା ଏବଂ ଓଡ଼ିଶାର ସଂସ୍କୃତି, ପରମ୍ପରା, ଖାଦ୍ୟପେୟ, ବେଶଭୂଷା ଓ ଚାଲିଚଳଣ ସହିତ ଓତଃପ୍ରୋତଃ ଭାବେ ପରିଚିତ ଥିବା ଦରକାର ବୋଲି ଶ୍ରୀ ମିଶ୍ର ସୂଚାଇଥିଲେ। ସୂତରାଂ ପଦ୍ମ ଫୁଲ ଚିହ୍ନରେ ଦୁଇଥର ଭୋଟ୍ ଦାନକରି କେନ୍ଦ୍ରରେ ବିକାଶ ପୁରୁଷ ନରେନ୍ଦ୍ର ମୋଦିଙ୍କୁ ଏବଂ ରାଜ୍ୟରେ ବିଜେପିର ଜଣେ ଖାଣ୍ଟି ଓଡ଼ିଆଙ୍କୁ ମୁଖ୍ୟମନ୍ତ୍ରୀ ପଦରେ ଗାଦିସୀନ କରିବାକୁ ପୁରନ୍ଦର ମିଶ୍ର ଆଗ୍ରହ ପ୍ରକାଶ କରିଥିଲେ। ଏହି ଅବସରରେ ନିଜର ବକ୍ତବ୍ୟର ବିଧାନସଭା ପ୍ରାର୍ଥୀ ପୃଥ୍ୱୀରାଜ ହରିଚନ୍ଦନ ଚିଲିକାର ସର୍ବାଙ୍ଗୀନ ଉନ୍ନୟନ କରିବା ପାଇଁ ତାଙ୍କୁ ସମର୍ଥନ କରିବାକୁ ଅନୁରୋଧ କରିଥିଲେ। ସେ ବିଧାୟକ ଭାବେ ନିର୍ବାଚିତ ହେଲେ ଚିଲିକା ଉପରେ ସେତୁ ନିର୍ମାଣ କରିବା, ଗରିବ ଗୁରୁବାମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅଧୀନରେ ପକ୍କାଘର ଯୋଗାଇଦେବା, ଚିଲିକାର ପରିବେଶକୁ ସୁରକ୍ଷିତ ରଖିବା ଓ ଏଠାକାର ମତ୍ସ୍ୟଜୀବୀ ମାନଙ୍କର ଜୀବନ ଓ ଜୀବିକାକୁ ପ୍ରୋତ୍ସାହନ ଦେବା ଦିଗରେ ଅଗ୍ରାଧିକାର ଭିତ୍ତିରେ ଧ୍ୟାନ ଦେବେ ବୋଲି ସୂଚାଇ ଥିଲେ।





# ପ୍ରିଜାଇଡିଂ ଓ ପୋଲିଂ ଅଧିକାରୀଙ୍କ ଦ୍ୱିତୀୟ ପର୍ଯ୍ୟାୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଓ ପୋଷ୍ଟାଲ ଭୋଟିଂ

**ଜଗତସିଂହପୁର, ନ୍ୟୁଜ୍‌ବ୍ୟୁରୋ**

ସାଧାରଣ ନିର୍ବାଚନ ୨୦୨୪ର ଜିଲ୍ଲା ସ୍ତରୀୟ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ଉପନୀତ। ଏହି ନିର୍ବାଚନ ପର୍ବକୁ ସରଳ ଓ ତ୍ରୁଟିଶୂନ୍ୟ କରିବାକୁ ପୋଲିଂ ଓ ପ୍ରିଜାଇଡିଂ ଅଧିକାରୀମାନଙ୍କ ପ୍ରଶିକ୍ଷଣ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ତେଣୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଚଳିତ ମାସ ୨୩ ତାରିଖରୁ ୨୬ତାରିଖ ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ପୂର୍ବ ପ୍ରସ୍ତୁତି ଅନୁଯାୟୀ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଅନୁପମ ଶାହାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲାର ୪ଟି ବିଧାନସଭା ନିର୍ବାଚନମଣ୍ଡଳୀ ନିମନ୍ତେ ୪ଟି ଭିନ୍ନଭିନ୍ନ ସ୍ଥାନରେ ଜିଲ୍ଲାସ୍ତରୀୟ ମାଷ୍ଟର ଟ୍ରେନରମାନଙ୍କ ଦ୍ୱାରା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ସୂଚନା ଅନୁଯାୟୀ, ଜିଲ୍ଲାର ସମସ୍ତ ବ୍ଲକ୍ ଓ ପୌରାଞ୍ଚଳକୁ ମିଶାଇ ୧୦୫୧ଟି ବୁଥ୍ ପାଇଁ ସମୁଦାୟ ୬୯୯୩ ଜଣ ପୋଲିଂ ଓ ପ୍ରିଜାଇଡିଂ ଅଧିକାରୀମାନଙ୍କୁ ଏହି ପ୍ରଶିକ୍ଷଣ ଦିଆଯାଉଛି। ସେଥିମଧ୍ୟରୁ ୪୯୬୭ ଜଣ ପୁରୁଷ ଅଧିକାରୀ ହୋଇଥିବା ବେଳେ ୨୦୨୬ ଜଣ ମହିଳା ଅଧିକାରୀ। ୧୦୧ ପାରାଦ୍ୱୀପ



ନିର୍ବାଚନ ମଣ୍ଡଳୀ ପାଇଁ ସାରଳା ମହାବିଦ୍ୟାଳୟ, ରାହାମା ଠାରେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅୟୋଜିତ ହୋଇଥିବା ବେଳେ ୧୦୨ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ ନିମନ୍ତେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଜଗତସିଂହପୁର ଠାରେ, ୧୦୩ ବାଲିକୁଦା-ଏରସମା ନିର୍ବାଚନ ମଣ୍ଡଳୀ ନିମନ୍ତେ ସୁଦ୍ଧାନନ୍ଦ ପବ୍ଲିକ୍ ସ୍କୁଲ ଓ ୧୦୪ ଜଗତସିଂହପୁର ନିର୍ବାଚନ ମଣ୍ଡଳୀ ନିମନ୍ତେ ବୃନ୍ଦାବନ ସରକାରୀ ଉଚ୍ଚ ବିଦ୍ୟାଳୟ, ମାର୍କଣ୍ଡପୁର ଠାରେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅୟୋଜିତ କରାଯାଇଛି। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସୁପରଭାଇଜିଂ ଅଧିକାରୀ ଭାବେ ଅତିରିକ୍ତ ଜିଲ୍ଲାପାଳ ଅଭିମନ୍ୟୁ ବେହେରା, ଅତିରିକ୍ତ ଜିଲ୍ଲାପାଳ ସମ୍ବିତ ରାଉତ, ଅତିରିକ୍ତ ଜିଲ୍ଲାପାଳ, ପାରାଦ୍ୱୀପ, ଲଳିତ ମୋହନ ବେହେରା ଓ ଉପଜିଲ୍ଲାପାଳ ପ୍ରଦୀପ କୁମାର ସାହୁ ଦାୟିତ୍ୱରେ ଅଛନ୍ତି। ଏହାଛଡ଼ା ଭାରତୀୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ କେହି ଯେପରି ମତଦାନ ଅଧିକାରରୁ ବଞ୍ଚିତ ନ ହୁଅନ୍ତି, ସେମାନଙ୍କ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ପୂର୍ବରୁ ପ୍ରଥମ ପର୍ଯ୍ୟାୟ ପ୍ରଶିକ୍ଷଣ ସମୟରେ ନିଜ ନିର୍ବାଚନମଣ୍ଡଳୀ ଠାରୁ ଦୂରରେ ନିୟୋଜିତ ହୋଇଥିବା ଅଥବା ନିର୍ବାଚନ ପ୍ରକ୍ରିୟାରେ ନିୟୋଜିତ ହୋଇଥିବା ୪୫୦୯ ଜଣ ପୋଲିଂ ଓ ପ୍ରିଜାଇଡିଂ ଅଧିକାରୀମାନେ ଫର୍ମ ୧୨ରେ ଆବେଦନ କରିଥିଲେ। ସେହି ଅଧିକାରୀମାନଙ୍କ ନିମନ୍ତେ ଟ୍ରେନିଂ ସେଣ୍ଟର ଗୁଡ଼ିକରେ ଫାସିଲିଟେସନ ସେଣ୍ଟର କରାଯାଇଛି, ଯେଉଁଠାରେ ସେମାନେ ନିଜର ମତଦାନ କରିପାରିବେ। ଜିଲ୍ଲାପାଳ ଅନୁପମ ସାହା ମଧ୍ୟ ଗୁରୁବାର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ଅନୁଷ୍ଠିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଓ ପୋଷ୍ଟାଲ ଭୋଟିଂ କାର୍ଯ୍ୟକ୍ରମକୁ ବୁଲି ଦେଖିବା ସହ ଆବଶ୍ୟକୀୟ ବ୍ୟବସ୍ଥା ବିଷୟରେ ବୁଝିଥିଲେ। ପୋଷ୍ଟାଲ ଭୋଟିଂ ନୋଡାଲ ଅଧିକାରୀ ତଥା ଅତିରିକ୍ତ ଉପଜିଲ୍ଲାପାଳ ବିବୁଧ ଗଡ଼ନାୟକଙ୍କ ତତ୍ତ୍ୱାବଧାନରେ ଏହି ସମସ୍ତ କାର୍ଯ୍ୟ ପରିଚାଳିତ ହୋଇଛି। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମେ' ମାସ ୨୩ ତାରିଖରୁ ୨୬ ତାରିଖ ପର୍ଯ୍ୟନ୍ତ ସକାଳ ୮ଟାରୁ ଚାଲିବ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ଡେପୁଟି କଲେକ୍ଟର, ସମସ୍ତ ବ୍ଲକର ବିଡିଓ, ତହସିଲଦାର, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ସଂସ୍କୃତି ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲା ପଞ୍ଚାୟତ ଅଧିକାରୀ, ଏବିଡିଓ, ବିଏସଏସ ଓ ପ୍ରମୁଖ ମାଷ୍ଟର ଟ୍ରେନର ଭାବେ ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି।

# ମଇ ୨୫ ଭୋଟ୍ ପାଇଁ କଟକ ଜିଲ୍ଲାରେ ୧୪୪ ଧାରା ଜାରି

**କଟକ, ନ୍ୟୁଜ୍‌ବ୍ୟୁରୋ**

ଭାରତୀୟ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶମତେ ଲୋକପ୍ରତିନିଧି ଅଧିନିୟମ ୧୯୫୧ର ଧାରା ୧୨୬ ଅନୁଯାୟୀ, ମତଦାନ ଶେଷ ହେବାର ୪୮ ଘଣ୍ଟା ପୂର୍ବରୁ ସମସ୍ତ ନିର୍ବାଚନ ପ୍ରଚାର ଶେଷ ହେବ। ପ୍ରଚାର ସମୟସୀମା ଶେଷ ହେବା ପରେ କୌଣସି ବ୍ୟକ୍ତି ନିର୍ବାଚନ ସମ୍ବନ୍ଧିତ କୌଣସି ସାଧାରଣ ସଭା କିମ୍ବା ଶୋଭାଯାତ୍ରାର ଆୟୋଜନ, ଏଥିରେ ଯୋଗଦାନ କିମ୍ବା ଏଥିରେ ଉଦବୋଧନ ଦେଇପାରିବେ ନାହିଁ। କୌଣସି ବ୍ୟକ୍ତି ନିର୍ବାଚନ ସମ୍ବନ୍ଧିତ କୌଣସି ଫଟୋଚିତ୍ର ପ୍ରଦର୍ଶନ କିମ୍ବା ଟେଲିଭିଜନ ବା ରେଡିଓ ମାଧ୍ୟମରେ ଜନସାଧାରଣଙ୍କୁ ପ୍ରଚାର ପ୍ରସାର କରିପାରିବେ ନାହିଁ। କୌଣସି ବ୍ୟକ୍ତି ସଙ୍ଗୀତ କାର୍ଯ୍ୟକ୍ରମ, ନାଟକ ପ୍ରଦର୍ଶନ କିମ୍ବା ଅନ୍ୟ କୌଣସି ମନୋରନ କାର୍ଯ୍ୟକ୍ରମ ଆୟୋଜନ କରି ନିର୍ବାଚନ ବିଷୟ ପ୍ରଚାର କରିପାରିବେ ନାହିଁ। ଯେଉଁ ବ୍ୟକ୍ତିମାନଙ୍କୁ ନିର୍ବାଚନ ମଣ୍ଡଳୀ ବାହାରୁ ଅଣାଯାଇଥିବ ଏବଂ ସେମାନେ ଯଦି ସମ୍ପୃକ୍ତ ନିର୍ବାଚନମଣ୍ଡଳୀର ଭୋଟର ନୁହନ୍ତି ପ୍ରଚାର ସମୟ ଶେଷ ପରେ ସେମାନେ ନିର୍ବାଚନମଣ୍ଡଳୀରେ ଉପସ୍ଥିତ ରହିପାରିବେ ନାହିଁ। ମଇ ୨୫ ଭୋଟ୍ ପାଇଁ କଟକ ଜିଲ୍ଲା ମାଜିଷ୍ଟ୍ରେଟ ତଥା ଜିଲ୍ଲାପାଳ ଅରିନ୍ଦମ ଡାକୁଆ କଟକ ଜିଲ୍ଲାର ୮୭-ବଡମ୍ବା, ୮୮-ବାଙ୍କୀ, ୮୯-ଆଠଗଡ, ୯୦-ବାରବାଟୀ କଟକ, ୯୧- ଚୌଦ୍ୱାର କଟକ ଓ ୯୩- କଟକ ସଦର ବିଧାନସଭା ନର୍ବାଚନ ମଣ୍ଡଳୀର ସମଗ୍ର ଅଞ୍ଚଳରେ ଭାରତୀୟ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶମତେ ଫୌଜଦାରୀ ଅଇନ୍, ୧୮୭୩ର ୧୪୪ ଧାରା ଜାରି କରିଛନ୍ତି। ଏହା ୨୩.୦୫.୨୦୨୪ ସନ୍ଧ୍ୟା ୫ ଘଟିକାଠାରୁ ୨୬.୦୫.୨୦୨୪ ସକାଳ ୬ ଘଟିକା ପର୍ଯ୍ୟନ୍ତ ବଳବତର ରହିବ। ଏହି ଧାରା ଅନୁଯାୟୀ ଭୋଟଗ୍ରହଣ କେନ୍ଦ୍ର ପରିସରର ୨୦୦ ମିଟର ଅଞ୍ଚଳ ମଧ୍ୟରେ ୫ ଜଣ କିମ୍ବା ତଦୁର୍ଦ୍ଧ ବ୍ୟକ୍ତି ଏକତ୍ରିତ ହେବା ନିଷିଦ୍ଧ ଅଟେ। କେବଳ ଜନସେବାରେ ନିୟୋଜିତ ସରକାରୀ କର୍ମଚାରୀଙ୍କ ବ୍ୟତୀତ ଅନ୍ୟ ସମସ୍ତଙ୍କ ନିମନ୍ତେ ସମଗ୍ର କଟକ ଜିଲ୍ଲାରେ ଲାଉଡସ୍ପିକର, ଆମ୍ପ୍ଲିଫାୟର ଏବଂ ଉଚ୍ଚ ସ୍ୱର କରୁଥିବା ଅନ୍ୟ ଯେ କୌଣସି ଉପକରଣ ବ୍ୟବହାର ଉପରେ ନିଷେଧାଦେଶ ଜାରି କରାଯାଇଛି। ଭୋଟ ଗ୍ରହଣ କେନ୍ଦ୍ରର ୨୦୦ ମିଟର ପରିସୀମା ମଧ୍ୟରେ ସରକାରୀ ଦାୟିତ୍ୱ ନିର୍ବାହ କରୁଥିବା ପ୍ରାଧିକୃତ ବ୍ୟକ୍ତିଙ୍କ ବ୍ୟତୀତ ଅନ୍ୟ କାହାର ଯାନବାହନ ପାର୍କିଂ କରାଯାଇ ପାରିବ ନାହିଁ ଏବଂ କୌଣସି ନିର୍ବାଚନ ପୋଷ୍ଟର କିମ୍ବା ଅନ୍ୟ ସାମଗ୍ରୀ ଲଗାଯାଇ ପାରିବ ନାହିଁ। ନିର୍ବାଚନ ଶେଷ ପର୍ଯ୍ୟାୟର ସମାପ୍ତି ପର୍ଯ୍ୟନ୍ତ ଏକଜିଟ ପୋଲର ଫଳାଫଳ ଘୋଷଣା ନିଷେଧ ଅଟେ। ପ୍ରାଧିକୃତ ଅଧିକାରୀଙ୍କ ବ୍ୟତୀତ ମତଦାନ କେନ୍ଦ୍ରର ୧୦୦ ମିଟର ପରିସୀମା ମଧ୍ୟରେ ସେଲୁଲାର ଫୋନ୍, କର୍ଡଲେସ ଫୋନ୍ ଇତ୍ୟାଦି ବ୍ୟବହାର ନିଷେଧ ଅଟେ। ସେହିପରି କଟକ ଜିଲ୍ଲା ପରିସରରେ କୌଣସି ଅସ୍ତ୍ରଶସ୍ତ୍ର ଓ ଗୁଳିଗୋଳା ଆଦି ପ୍ରଦର୍ଶନ କରାଯାଇପାରିବ ନାହିଁ। ପ୍ରାଧିକୃତ ଅଧିକାରୀଙ୍କ ବ୍ୟତୀତ ଅନ୍ୟ କେହି ମତଦାନ କେନ୍ଦ୍ର ପରିସରରେ ଅସ୍ତ୍ର ଧାରଣ କରି ରହିବା ମଧ୍ୟ ନିଷେଧ ଅଟେ। କୌଣସି ବ୍ୟକ୍ତି ଏହି ନିର୍ଦ୍ଦେଶନାମା ଅମାନ୍ୟ କଲେ ଭାରତୀୟ ପିଙ୍ଗଳ କୋଡ ଧାରା ୧୮୮ ଏବଂ ଅନ୍ୟ ସମ୍ପୃକ୍ତ ପ୍ରାବଧାନ ଅନୁଯାୟୀ ଦଣ୍ଡିତ ହେବେ।

# ୧୨ନଂ ୱାର୍ଡରେ ବିଜେଡିର ମହିଳା ସମାବେଶ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ପୌରାଞ୍ଚଳ ଅନ୍ତର୍ଗତ ୧୨ନଂ ୱାର୍ଡରେ ବିଜେଡିର ମହିଳା ସମାବେଶ କାଉନ୍‌ସିଲର ରିହାନା ଖାତୁନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି। ଏହି ସମାବେଶ ରେ କାଉନ-ସିଲରଙ୍କ ପ୍ରତିନିଧି ସେକ ଚାନ୍ଦ, ସୁରେନ୍ଦ୍ର କୁମାର ବେହେରା, ସୟଦ ଅକମଲ ଅଲ୍ଲୀ, ସୟଦ ଇଜଦାନ ଅଲ୍ଲୀ, ମାଧବ ଦାସ, କାମିନୀ ଜେନା ପ୍ରମୁଖ ଉପସ୍ଥିତ ରହି ନବୀନ ପଟ୍ଟନାୟକଙ୍କ ସମୟରେ ରାଜ୍ୟରେ ମହିଳାମାନଙ୍କ ପାଇଁ ଅନେକ ଯୋଜନା ପ୍ରସ୍ତୁତ କରାଯାଇଛି। ଆଶାକର୍ମୀ, ଅଙ୍ଗନୱାଡ଼ି, ମିଶନଶକ୍ତି



ପ୍ରଭୃତି ଯୋଜନା ଗୁଡିକରେ ଲକ୍ଷ ଲକ୍ଷ ମହିଳା ଉପକୃତ ହେଉଛନ୍ତି। ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳାମାନଙ୍କୁ ଲକ୍ଷ ଲକ୍ଷ ଟଙ୍କା ବିନା ସୁଧରେ ଋଣ ପ୍ରଦାନ କରିବା ଫଳରେ ମହିଳାମାନେ ନିଜେ ଆତ୍ମ ନିର୍ଭରଶୀଳ ହୋଇ ପାରିଛନ୍ତି। ମା'ଙ୍କୁ ସମ୍ମାନ, ଗାଁକୁ କାମ ଆଦି ଯୋଜନା ସଂପର୍କରେ ଆଲୋଚନା କରାଯାଇ ଥିଲା। ମହିଳାମାନେ ନିଜେ ଯୋଡି ଶଙ୍ଖରେ ଭୋଟ ଦେବା ସହ ଅନ୍ୟ ମାନଙ୍କୁ ମଧ୍ୟ ଯୋଡି ଶଙ୍ଖରେ ଭୋଟ ଦେବାପାଇଁ ନିବେଦନ କରିବାକୁ ଆଲୋଚନା କରାଯାଇ ଥିଲା। ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ମହିଳା ଉପସ୍ଥିତ ଥିଲେ।

# ଏନ୍‌ଟିପିସି ପକ୍ଷରୁ ଏଟିଡି ଶ୍ରେଷ୍ଠ ପୁରସ୍କାର-୨୦୨୪ରେ ତୃତୀୟ ସ୍ଥାନ ହାସଲ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଏଟିଡି ଶ୍ରେଷ୍ଠ ପୁରସ୍କାର ୨୦୨୪ରେ ବିଶ୍ୱସ୍ତରରେ ତୃତୀୟ ର୍‍ୟାଙ୍କ ହାସଲ କରି ଏନ୍‌ଟିପିସି ଏକ ଉଲ୍ଲେଖନୀୟ ମାଇଲଖୁଣ୍ଟ ହାସଲ କରିଛି। ସମସ୍ତ ଭାରତୀୟ କମ୍ପାନୀ ମଧ୍ୟରେ ଏନ୍‌ଟିପିସି ସର୍ବୋଚ୍ଚ ର୍‍ୟାଙ୍କିଙ୍ଗ ହାସଲ କରିଛି। ଏନ୍‌ଟିପିସି ହେଉଛି ଏକମାତ୍ର ପିଏସୟୁ, ଯାହା ଗତ ଆଠ ବର୍ଷ ମଧ୍ୟରେ ସପ୍ତମ ଥର ପାଇଁ ଏହି ସମ୍ମାନଜନକ ପୁରସ୍କାର ହାସଲ କରିଛି। ଆମେରିକାର ଓରଲାଣ୍ଡୋରେ ଅନୁଷ୍ଠିତ କମ୍ପାନୀର ସିଜିଏମ୍ (ଷ୍ଟ୍ରାଟେଜିକ୍ ଏଚ୍‌ଆର୍ ଆଣ୍ଡ ଟ୍ୟାଲେଣ୍ଟ୍ ମ୍ୟାନେଜମେଣ୍ଟ୍) ରଚନା ସିଂହ ଭଲ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଆସୋସିଏସନ୍ ଫର୍ ଟ୍ୟାଲେଣ୍ଟ୍ ଡେଭଲପମେଣ୍ଟ (ଏଟିଡି), ଆମେରିକା



ଦ୍ୱାରା ପ୍ରତିଷ୍ଠିତ ଏଟିଡି ବେଷ୍ଟ ଆୱାର୍ଡ ଲର୍ଣ୍ଣିଂ ଆଣ୍ଡ ଡେଭଲପମେଣ୍ଟ (ଏଲଆଣ୍ଡଡି) କ୍ଷେତ୍ରରେ ସବୁଠାରୁ ସମ୍ମାନଜନକ ଅନ୍ତର୍ଜାତୀୟ ସ୍ୱୀକୃତି ଅଟେ। ଏହା ପ୍ରତିଭା ବିକାଶକୁ ଏକ ରଣନୈତିକ ବ୍ୟବସାୟ ଉପକରଣ ଭାବରେ ଉପଯୋଗ କରୁଥିବା ଏବଂ ପ୍ରଭାବଶାଳୀ କର୍ମଚାରୀ ବିକାଶ ଅଭ୍ୟାସ ମାଧ୍ୟମରେ ଉଦ୍ୟୋଗବ୍ୟାପୀ ସଫଳତା ପ୍ରଦର୍ଶନ କରୁଥିବା ସଂସ୍ଥାଗୁଡ଼ିକୁ ସମ୍ମାନିତ କରୁଛି। ଉଚ୍ଚ ସଚ୍ଚୋଟତା ଏବଂ ବିଶ୍ୱସ୍ତରୀୟ ଖ୍ୟାତିସମ୍ପନ୍ନ ଅନ୍ତର୍ଜାତୀୟ ବିଶେଷଜ୍ଞଙ୍କ ଦ୍ୱାରା ପରିଚାଳିତ ଏକ କଠୋର ମୂଲ୍ୟାଙ୍କନ ଏବଂ ମୂଲ୍ୟାଙ୍କନ ପ୍ରକ୍ରିୟା ମାଧ୍ୟମରେ ଏହି ମାନ୍ୟତା ନିର୍ଦ୍ଧାରଣ କରାଯାଇଛି। ଏହି ଉଲ୍ଲେଖନୀୟ ସଫଳତା ଅନ୍ତର୍ଜାତୀୟ ସ୍ତରରେ ମାନବ ସମ୍ବଳ କ୍ଷେତ୍ରରେ ଏନଟିପିସିର ଅସାଧାରଣ ପ୍ରଦର୍ଶନ ଉପରେ ଆଲୋକପାତ କରିଛି। ଏଟିଡି ବେଷ୍ଟ ଆୱାର୍ଡ ହେଉଛି ଏନଟିପିସିର ଉତ୍କୃଷ୍ଟ ଏଲ୍‌ଆଣ୍ଡଡି ଅଭ୍ୟାସ ଏବଂ ଏହାର ଉତ୍କୃଷ୍ଟତାର ନିରନ୍ତର ଅନୁସନ୍ଧାନର ପ୍ରମାଣ। କମ୍ପାନୀ ଶିକ୍ଷଣ ଏବଂ ବିକାଶ ଦିଗରେ ଏକ କେନ୍ଦ୍ରୀଭୂତ ଆଭିମୁଖ୍ୟ ଗ୍ରହଣ କରିଥିବା ବେଳେ ପ୍ରଯୁକ୍ତି ଏବଂ ଉଦ୍ଭାବନକୁ ଗ୍ରହଣ କରିଛି। ସେହିପରି ଶିକ୍ଷ ମାନଦଣ୍ଡ ସ୍ଥାପନ କରିଥିବା ବେଳେ ଶିକ୍ଷଣ ସୁଯୋଗକୁ ସୁଗମ କରିଛି ଏବଂ ନିରନ୍ତର ଶିକ୍ଷଣ ସଂସ୍କୃତିକୁ ପ୍ରୋତ୍ସାହିତ କରୁଛି।

## ପୌରାଞ୍ଚଳରେ ବିଜେଡିର ରୋଡ୍ ଶୋ'

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ପୌରାଞ୍ଚଳ ୪ଗୋଟି ୱାର୍ଡରେ ରୋଡ୍ ଶୋ' ସହିତ ଘର ଘର ବୁଲି ଭୋଟରମାନଙ୍କୁ ସାକ୍ଷାତ୍ କରି ଯୋଡି ଶଙ୍ଖରେ ଭୋଟ ଦେବା ପାଇଁ ନିବେଦନ କରୁଥିବା ଜଣାପଡିଛି। ପୌରାଞ୍ଚଳର ୧୩ନଂ, ୧୪ନଂ,୧୫ନଂ ଓ ୧୮ନଂ ୱାର୍ଡର କାଉନସିଲର ପୌର ଉପାଧ୍ୟକ୍ଷା ଆକବରୀ ଖାତୁନ, ହବିବା ବେଗମ, ଚୌଧୁରୀ ସୁକୁମାରଦାସ, ସେକ ଅସଲମଙ୍କ ନେତୃତ୍ୱରେ ୱାର୍ଡର ପ୍ରତ୍ୟେକ ଘର ଘର ବୁଲି ଭୋଟରମାନଙ୍କୁ ସାକ୍ଷାତ କରି ଯୋଡି ଶଙ୍ଖରେ ଭୋଟ ଦେବାପାଇଁ ନିବେଦନ କରିବା ସହିତ ଷଷ୍ଠ ଥର ପାଇଁ ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ କରିବା ପାଇଁ ନିବେଦନ କରିଥିଲେ। ନବୀନ ପଟ୍ଟନାୟକଙ୍କ ସମୟରେ ଓଡ଼ିଶା ଦେଶରେ ଏକ ନମ୍ବର ରାଜ୍ୟରେ ପରିଣତ ହେବା ସହ ଦେଶରେ ଏକ ନମ୍ବର ମୁଖ୍ୟମନ୍ତ୍ରୀ ଭାବରେ ନିଜର ପରିଚୟ ସୃଷ୍ଟି କରିଛନ୍ତି। ତାଙ୍କର ୨୪ ବର୍ଷ ଶାସନ କାଳରେ ରାଜ୍ୟରେ ଶାନ୍ତି ଶୃଙ୍ଖଳା ଓ ଉନ୍ନୟନ ମୂଳକ କାର୍ଯ୍ୟ ସହ ମହିଳାମାନଙ୍କୁ ସମ୍ମାନ ଓ ମହିଳାମାନଙ୍କ ପାଇଁ ଅନେକ ଯୋଜନା ସମ୍ପର୍କରେ ଭୋଟରମାନଙ୍କୁ ବୁଝାଇଥିଲେ। ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଜେଡି ବିଧାନସଭା ପ୍ରାର୍ଥୀ ଗଣେଶ୍ୱର ବେହେରାଙ୍କ ସମେତ ପୌରାଧ୍ୟକ୍ଷା ସରିତା ସାହୁ, ରାଜ୍ୟ ବିଜେଡି ସଂପାଦକ ରଞ୍ଜିତ ସାହୁଙ୍କ ସହ କାଉନସିଲର ଉମେଶ ଚନ୍ଦ୍ର ନାୟକ, ପ୍ରଦିପ୍ତ ଜେନା, ପୂର୍ବତନ କାଉନସିଲର ହିବଜୁବୁର ରହେମାନଙ୍କ ସହ ବହୁ ମହିଳା, ବରିଷ୍ଠ ନାଗରିକ ପ୍ରମୁଖ ଉପସ୍ଥିତ ଥିଲେ।

# ପୌରାଞ୍ଚଳର ୧୧ନଂ ୱାର୍ଡରେ ବିଜେଡିର କର୍ମୀ ସମ୍ମିଳନୀ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ପୌରାଞ୍ଚଳର ୧୧ନଂ ୱାର୍ଡରେ ବିଜେଡିର କର୍ମୀ ସମ୍ମିଳନ କାଉନସିଲର ପୁଷ୍ପାଳୀ ବସ୍ତିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପୂର୍ବତନ କାଉନସିଲର ହିରଣ୍ୟ ପଣ୍ଡା, ପ୍ରଦୀପ କୁମାର ସିଂହ, ଫକିରୁଦ୍ଦିନ ଅହେମଦ, ଚିତ୍ତରଞ୍ଜନ ଭଗତ, ଭୀମସେନ ବେହେରା, ଦିନେଶ ରାଜସିଂହ, ସେକ ରିୟାଜୁଦ୍ଦିନ ପ୍ରମୁଖ ଉପସ୍ଥିତ ରହି ୧୧ନଂ ୱାର୍ଡରେ ପ୍ରତ୍ୟେକ ଘର ଘର ବୁଲି ଭୋଟରମାନଙ୍କୁ ଭାରତର ୧ ନଂ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ



ସମୟରେ ଓଡ଼ିଶାର ବିକାଶ ସଂପର୍କରେ ପ୍ରକାଶ କରିବା ସହ ମହିଳା ମାନଙ୍କର ବିଭିନ୍ନ ଯୋଜନା ସଂପର୍କରେ ବୁଝାଇଥିଲେ। ଏଥି ସହ ଜୁନ ୧ ତାରିଖ ଯୋଡି ଶଙ୍ଖରେ ଭୋଟ ଦେଇ ଷଷ୍ଠଥର ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକଙ୍କୁ ପୁନର୍ବାର ମୁଖ୍ୟମନ୍ତ୍ରୀ କରିବାକୁ ନିବେଦନ କରିଥିଲେ। ଆୟୋଜିତ ଏହି କାର୍ଯ୍ୟକ୍ରମରେ ସେକ ସନୁୟାର, ସେକ ହାପିଜୁଲ୍ଲା, ସୁବାସ ମହଲିକ, ଦେବେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ଭୁବନେଶ୍ୱର : ତୃତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ମତଦାନ କେନ୍ଦ୍ର ଅଭିମୁଖେ ପୋଲିଂ ପାର୍ଟିଙ୍କ ଯାତ୍ରା। ( ଫଟୋ : ସମ୍ବାଦ କଳିକା)

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ତୃତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ...

ଭୁବନେଶ୍ୱର ଓ ଏସବୁ ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ୪୨ଟି ବିଧାନସଭା କ୍ଷେତ୍ର ପାଇଁ ୨୫ ତାରିଖରେ ମତଦାନ ହେବ। ଏହି ପର୍ଯ୍ୟାୟରେ ଛଅଟି ସଂସଦୀୟ କ୍ଷେତ୍ର ଅଧୀନରେ ମୋଟ ୯୪,୪୮,୫୫୩ ଜଣ ମତଦାତା ନିଜର ମତାଧିକାର ସାବ୍ୟସ୍ତ କରିବେ। ଏମାନଙ୍କ ମଧ୍ୟରେ ୨,୩୭,୧୩୧ ଜଣ ୧୮-୧୯ ବର୍ଷ ବୟସର ପ୍ରଥମ ଥର ମତଦାତା, ୨୦-୨୯ ବର୍ଷ ବୟସର ୧୮,୪୫,୫୦୩ ଜଣ ଯୁବ ମତଦାତା ରହିଛନ୍ତି। ଏହି ପର୍ଯ୍ୟାୟରେ ମୋଟ ୧୦,୫୧୫ଟି ମତଦାନ କେନ୍ଦ୍ର ଓ ୩୬ଟି ଅତିରିକ୍ତ ମତଦାନ କେନ୍ଦ୍ର ରହିଛି। ମତଦାନ କେନ୍ଦ୍ର ପିଛା ପ୍ରାୟ ୮୯୬ ଜଣ ମତାଦାତା ରହିଛନ୍ତି। ପ୍ରାୟ ୧୫୦୦ ମତଦାନ କେନ୍ଦ୍ର ସଂପୂର୍ଣ୍ଣ ରୂପେ ମହିଳା କର୍ମଚାରୀଙ୍କ ଦ୍ୱାରା ପରିଚାଳିତ ହେବ ଏବଂ ୩୦ଟି ସଂପୂର୍ଣ୍ଣ ରୂପେ ଭିନ୍ନକ୍ଷମ କର୍ମଚାରୀଙ୍କ ଦ୍ୱାରା ପରିଚାଳିତ ହେବ। ଏହି ପର୍ଯ୍ୟାୟରେ ପ୍ରାୟ ୨୦୦୦ଟି ଆଦର୍ଶ ମତଦାନ କେନ୍ଦ୍ର (ମଡ୍ରେଲ୍ ବୁଥ୍) ରହିଛି। ଏହି ପର୍ଯ୍ୟାୟରେ ପ୍ରାୟ ୭୦ ହଜାର ପୋଲିଂ କର୍ମଚାରୀ ନିୟୋଜିତ ହୋଇଛନ୍ତି। ସମସ୍ତ ପୋଲିଂ ଷ୍ଟେସନ୍ ଲୋକେସନ୍‌ରେ ଜଣେ ଲେଖାଏଁ ସ୍ୱେଚ୍ଛାସେବୀ ଓ ଜଣେ ଲେଖାଏଁ ଆଶାକର୍ମୀ ନିୟୋଜିତ ହୋଇଛନ୍ତି। ଏହି ପର୍ଯ୍ୟାୟରେ ୬ ଲୋକସଭା କ୍ଷେତ୍ର ପାଇଁ ସମୁଦାୟ ୬୪ ଜଣ ପ୍ରାର୍ଥୀ ରହିଥିବା ବେଳେ ୪୨ ବିଧାନସଭା ଆସନ ପାଇଁ ୩୮୩ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି ବୋଲି ସେ କହିଛନ୍ତି। ଶ୍ରୀ ଧଳ କହିଛନ୍ତି ଯେ, ଓଡ଼ିଶାର ତୃତୀୟ ପର୍ଯ୍ୟାୟ ନିର୍ବାଚନରେ ସଂସଦୀୟ କ୍ଷେତ୍ର ପାଇଁ ମୋଟ ୧୩୨୭୨ଟି ବାଲାଟ୍ ୟୁନିଟ୍, ୧୩୪୨୫ଟି କଣ୍ଟ୍ରୋଲ ୟୁନିଟ୍ ଓ ୧୪୪୨୭ଟି ଭିଭିପାଟ କମିଶନ ହୋଇଛି। ବିଧାନସଭା କ୍ଷେତ୍ର ମତଦାନ ପାଇଁ ୧୩୩୬୫ଟି ବାଲାଟ ୟୁନିଟ୍, ୧୩୫୧୮ଟି କଣ୍ଟ୍ରୋଲ ୟୁନିଟ୍ ଓ ୧୪୬୦୪ଟି ଭିଭିପାଟ୍ କମିଶନ ହୋଇଛି। ସେହିପରି ସଂପୂର୍ଣ୍ଣ ସୁରକ୍ଷିତ ପରିବେଶ ମଧ୍ୟରେ ମତଦାନ ପାଇଁ ସୁରକ୍ଷା ବ୍ୟବସ୍ଥା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ଏଠାରେ ୧୨୧ କମ୍ପାନୀ ସିଏପିଏଫ୍ (ସେଣ୍ଟ୍ରାଲ ଆର୍ମଡ୍ ପୋଲିସ ଫୋର୍ସ) ନିୟୋଜିତ ହେବେ। ଷ୍ଟ୍ରଙ୍ଗ୍ ରୁମ୍ ବ୍ୟତିରେକ ଏମାନଙ୍କୁ ପ୍ରାୟ ୨୦୦୦ ପୋଲିଂ ଷ୍ଟେସନ୍ ସ୍ଥଳରେ ନିୟୋଜିତ କରିବାକୁ ମୁଖ୍ୟ ନିର୍ବାଚନ ଅଧିକାରୀ ନିର୍ଦ୍ଦେଶ ଦେଇଛନ୍ତି। ଭାରତୀୟ ପାଣିପାଗ ବିଜ୍ଞାନ ବିଭାଗ ଅନୁସାରେ ଗ୍ରୀଷ୍ମପ୍ରବାହର ଆଶଙ୍କା ନାହିଁ। ତଥାପି ପ୍ରତି ପୋଲିଂ ଷ୍ଟେସନ୍‌ରେ ଆଶାକର୍ମୀ ରହିବେ। ଅଂଶୁଘାତର ଜରୁରୀ ଚିକିତ୍ସା ପାଇଁ ସେଠାରେ ଆଶୁ ଚିକିତ୍ସା ବ୍ୟବସ୍ଥା, ଓଆରଏସ୍ ଆଦି ରହିବ। ପ୍ରତି ସେକ୍ଟର ଅଫିସରଙ୍କ ସହ ଜଣେ ପାରା-ମେଡିକାଲ ଷ୍ଟାଫ୍ ଜରୁରୀ ଔଷଧପତ୍ର ସହିତ ରହିବେ। ମୋବାଇଲ୍ ହେଲଥ୍ ୟୁନିଟ୍ ଜରୁରୀ ସ୍ୱାସ୍ଥ୍ୟସେବା ପାଇଁ ନିୟମିତ ବ୍ୟବଧାନରେ ବୁଥ୍‌କୁ ଯୋଗାଯୋଗ କରିବେ। ପିଏଚ୍‌ସି, ସିଏଚ୍‌ସି, ଡିଏଚ୍‌ସି ଆଦିରେ ଅଂଶୁଘାତ ୱାର୍ଡ ସ୍ଥାପନ କରାଯାଇଛି। ଅଂଶୁଘାତ ସଚେତନତା ବାର୍ତ୍ତା ବହୁଳ ଭାବେ ପ୍ରସାରିତ କରାଯାଇଛି। ଡିସ୍‌ପର୍ସାଲ ଓ ରିସିଭିଂ ସେଣ୍ଟରରେ ଡାକ୍ତର, ସ୍ୱାସ୍ଥ୍ୟକର୍ମୀ ଏବଂ ଆମ୍ବୁଲାନ୍ସ ନିୟୋଜିତ ହେବେ। ମତଦାନ ଦିବସ ପାଇଁ ବ୍ୟବସ୍ଥା ବରିଷ୍ଠ ଭୋଟର ଓ ଭିନ୍ନକ୍ଷମ ଭୋଟରଙ୍କ ସହାୟତା ପାଇଁ ସ୍ୱେଚ୍ଛାସେବୀମାନେ ରହିବେ। ସେମାନଙ୍କ ପାଇଁ ବସିବା ବ୍ୟବସ୍ଥା କରାଯାଇଛି। ଭୋଟରମାନଙ୍କ ପାଇଁ ପୋଲିଂ ବୁଥ୍‌ରେ ପାନୀୟ ଜଳ, ଶୌଚାଳୟ ଓ ଛାଇ ଆଦି ସର୍ବନିମ୍ନ ସୁବିଧା ସୁନିଶ୍ଚିତ କରାଯାଇଛି। ବରିଷ୍ଠ ନାଗରିକ ଓ ଭିନ୍ନକ୍ଷମଙ୍କ ପାଇଁ ଘରୁ ବୁଥ ଓ ବୁଥ୍‌ରୁ ଆଣି ଘରେ ଛାଡ଼ିବା ପାଇଁ ନିଃଶୁଳ୍କ ଯାନର ବ୍ୟବସ୍ଥା କରାଯାଇଛି। ମତଦାନ ହେବାକୁ ଥିବା ସଂସଦୀୟ କ୍ଷେତ୍ରର ବିଭିନ୍ନ ସ୍ଥାନରେ ଜଳଛତ୍ରର ବ୍ୟବସ୍ଥା କରାଯାଇଛି। ଯଥା ସମ୍ଭବ ସଖୀ ବୁଥ୍‌ରେ ମହିଳା ସୁରକ୍ଷାକର୍ମୀ ମୁତୟନ ରହିବେ। ବୁଥ୍ ଲେଭୁଲ୍ ଅଧିକାରୀମାନଙ୍କ ମାଧ୍ୟମରେ ଭୋଟର ଇନ୍‌ଫର୍ମେସନ୍ ସ୍ଲିପ୍ ଏବଂ ଭୋଟର ଗାଇଡ୍ ବଣ୍ଟାଯାଇଛି। ଯଦି କୌଣସି ମତଦାତା ଭିଆଇଏସ୍ ପାଇନାହାନ୍ତି, ସେମାନେ ଭୋଟର ହେଲପ୍‌ଲାଇନ୍ ଆପ୍ ଅଥବା voters.eci.gov.in ପୋର୍ଟାଲରେ ନିଜ ବୁଥ୍‌ର ନାମ ଏବଂ ଠିକଣା ଜାଣିପାରିବେ। ଏତଦ୍‌ବ୍ୟତୀତ ଟୋଲ୍ ଫ୍ରି ନମ୍ବର ୧୯୫୦କୁ ମଧ୍ୟ କଲ୍ କରି ସୂଚନା ପାଇପାରିବେ। ନିଜ ମୋବାଇଲ୍ ଫୋନ୍‌ରେ ECI<SPACE>EPIC No. ଲେଖି ୧୯୫୦କୁ ମେସେଜ୍ ପ୍ରେରଣ କଲେ ପ୍ରତ୍ୟୁତ୍ତର ମେସେଜ୍ ଦ୍ୱାରା ନିଜ ମତଦାନ କେନ୍ଦ୍ର ସଂପର୍କିତ ସୂଚନା ମଧ୍ୟ ପ୍ରାପ୍ତ କରାଯାଇପାରିବ। ଏଥିସହ ଭୋଟରମାନେ ଭୋଟର ପୋର୍ଟାଲ https://electoralsearch.cci.gov.in/କୁ ଯାଇ କିମ୍ବା ନିଜ ମୋବାଇଲ୍‌ରେ ଭୋଟର ହେଲପ୍‌ଲାଇନ୍ ଆପ୍ ଡାଉନ୍‌ଲୋଡ୍ କରି ନିମ୍ନଲିଖିତ ତିନୋଟି ମଧ୍ୟରୁ ଯେକୌଣସି ଗୋଟିଏ ଉପାୟରେ ନିଜ ପୋଲିଂ ଷ୍ଟେସନ୍ ବିବରଣୀ ପାଇପାରିବେ।

## ସମ୍ଭାବ୍ୟ ବାତ୍ୟା ନେଇ...

ଭୀଷଣ ବାତ୍ୟାରେ ପରିଣତ ହେବା ନେଇ ପାଣିପାଗ ବିଭାଗ ଆକଳନ କରିଛି। ୨୫ ସକାଳ ସୁଦ୍ଧା ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ ବାତ୍ୟା ପରେ ୨୬ ସନ୍ଧ୍ୟା ସୁଦ୍ଧା ଭୀଷଣ ବାତ୍ୟା ଭାବେ ବାଙ୍ଗଲାଦେଶ ପାର୍ଶ୍ୱବର୍ତ୍ତୀ ପଶ୍ଚିମବଙ୍ଗ ଉପକୂଳ ପାଖାପାଖି ସମୁଦ୍ର ମଧ୍ୟରେ ପହଞ୍ଚିବାର ସମ୍ଭାବନା ରହିଛି। ଏଥିପାଇଁ ଆସନ୍ତା ୨୭ ତାରିଖ ଯାଏଁ କେନ୍ଦ୍ରୀୟ ବଙ୍ଗୋପସାଗର ଯିବାକୁ ମତ୍ସ୍ୟଜୀବୀଙ୍କୁ ବାରଣ କରାଯାଇଛି। ତେବେ ବାତ୍ୟାରେ ଓଡ଼ିଶାକୁ ସିଧାସଳଖ ପ୍ରଭାବ ନାହିଁ। ୨୩, ୨୪ ଓ ୨୫ ତାରିଖରେ କିଛି କିଛି ସ୍ଥାନରେ ଘଡଘଡି ସହ ବର୍ଷା ହେବାର ସମ୍ଭାବନା ରହିଛି। ୨୬ ତାରିଖରେ ଉତ୍ତର ଓଡ଼ିଶାରେ ହାଲୁକାରୁ ମଧ୍ୟମଧରଣର ବର୍ଷା ସହ ବାଲେଶ୍ୱର, ଭଦ୍ରକ ଓ କେନ୍ଦ୍ରାପଡ଼ାରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି। ୨୭ରେ ମଧ୍ୟ ଉତ୍ତର ଓଡ଼ିଶାରେ ବର୍ଷା ହେବ। ବାଲେଶ୍ୱର, ମୟୂରଭଞ୍ଜରେ ପ୍ରବଳ ବର୍ଷା ହେବାର ଆକଳନ କରିଛି ପାଣିପାଗ ବିଭାଗ। ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାଶ କହିଛନ୍ତି ଲଘୁଚାପ କ୍ଷେତ୍ର ଶୁକ୍ରବାର ସକାଳ ସୁଦ୍ଧା ଘନୀଭୂତ ହୋଇ ଅବପାତ ରୂପ ନେବ। ୨୫ ତାରିଖ ସକାଳ ସୁଦ୍ଧା ବାତ୍ୟା ପରେ ୨୬ ତାରିଖ ସନ୍ଧ୍ୟା ସୁଦ୍ଧା ଏକ ଭୀଷଣବାତ୍ୟା ଭାବେ ବାଂଲାଦେଶ ପାର୍ଶ୍ୱବର୍ତ୍ତୀ ପଶ୍ଚିମବଙ୍ଗ ଉପକୂଳ ପଖାପାଖି ସମୁଦ୍ର ମଧ୍ୟରେ ପହଞ୍ଚିବାର ସମ୍ଭାବନା ରହିଛି।

## ରବିବାର ସନ୍ଧ୍ୟା ସୁଦ୍ଧା ବାତ୍ୟା...

ବଙ୍ଗୋପସାଗର କେନ୍ଦ୍ରୀୟ ଅଂଶରେ ଏହା ଏକ ବାତ୍ୟାର ରୂପ ନେବା ସହିତ ଉତ୍ତର-ପୂର୍ବ ଦିଗକୁ ଗତି କରିବାର ସମ୍ଭାବନା ରହିଛି। ୨୫ ତାରିଖ ସକାଳ ସୁଦ୍ଧା ବଙ୍ଗୋପସାଗରର ପୂର୍ବ କେନ୍ଦ୍ରୀୟ ଉପକୂଳରେ ବାତ୍ୟା ଭୀଷଣ ରୂପ ନେବ।

## ସୁରକ୍ଷାକର୍ମୀଙ୍କ ଗୁଳିମାଡ଼ରେ...

ନିହତ ହୋଇଥିଲା ଏବଂ ୨ ଜଣ ଆହତ ହୋଇଥିଲେ। ଏବେ ଏସ୍‌ପି କହିଛନ୍ତି, ୭ ଜଣ ନକ୍ସଲ ନିପାତ ହୋଇଛନ୍ତି। ଏଥି ସହିତ ବିପୁଳ ପରିମାଣରେ ନକ୍ସଲ ସାମଗ୍ରୀ ଜବତ ହୋଇଛି।

## ଗାଈ କ୍ଷୀର ଦେଇନାହିଁ...

ନୂଆ ଶିଖରକୁ ନେବାକୁ ପଡିବ। ଏଥିପାଇଁ ପୁଣି ଥରେ ମୋଦି ସରକାର ଆବଶ୍ୟକ। "କଂଗ୍ରେସ ଉପରେ ଆକ୍ରମଣ କରି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ ରାମ ରାମ ବିନା ହରିୟାଣାରେ କୌଣସି କାମ ହୁଏ ନାହିଁ। ଯଦି କଂଗ୍ରେସ ସରକାର ଆସିବ, ଯେଉଁମାନେ ରାମଙ୍କ ନାମ ନେଉଛନ୍ତି ସେମାନଙ୍କୁ ଗିରଫ କରାଯିବ। ସେମାନେ ସମଗ୍ର ଦେଶରୁ ରାମଙ୍କ ନାମ ହଟାଇବାକୁ ଚାହୁଁଛନ୍ତି। ସେମାନେ ରାମ ମନ୍ଦିର ପ୍ରାଣ ପ୍ରତିଷ୍ଠାକୁ ଆସିନଥିଲେ। କଂଗ୍ରେସ ଚାହୁଁଛି ଯେ ହରିୟାଣାର ଲୋକମାନେ ରାମଲାଲାଙ୍କ ଦର୍ଶନ ପାଇବା ଉଚିତ୍ ନୁହେଁ। ସେମାନେ ପୁଣିଥରେ ରାମଲାଲାଙ୍କୁ ତମ୍ବୁକୁ ପଠାଇବାକୁ ଚାହୁଁଛନ୍ତି। କଂଗ୍ରେସ କେବଳ ଆମର ବିଶ୍ୱାସ ନୁହେଁ ଆମର ତ୍ରିରଙ୍ଗାକୁ ମଧ୍ୟ ଅପମାନିତ କରୁଛି। ୩୭୦ ନାମରେ କଶ୍ମୀରକୁ ଦେଶଠାରୁ କିଏ ଅଲଗା ରଖିଥିଲା? ୭୦ ବର୍ଷ ଧରି କଶ୍ମୀରରେ ତ୍ରିରଙ୍ଗା ଉତ୍ତୋଳନ କରିବାକୁ କିଏ ଅନୁମତି ଦେଇନଥିଲା?

## ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ...

ତାଙ୍କ ପାଖରେ ରହିଛି ମାତ୍ର ୬୪୫ଟଙ୍କା। ଚତୁର୍ଥ ପର୍ଯ୍ୟାୟରେ ସବୁଠାରୁ ବୟସ୍କ ପ୍ରାର୍ଥୀ ହେଉଛନ୍ତି କଂଗ୍ରେସର ନିରଞ୍ଜନ ପଟ୍ଟନାୟକ। ୮୧ ବର୍ଷ ବୟସରେ ନିର୍ବାଚନ ଲଢୁଛନ୍ତି ନିରଞ୍ଜନ ପଟ୍ଟନାୟକ। ଚଳିତ ଲୋକସଭା ନିର୍ବାଚନରେ ସର୍ବମୋଟ୍ ୮୩୩୭ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ ୧୬୪୪ଜଣଙ୍କ ବିରୋଧରେ ରହିଛି ଅପରାଧିକ ମାମଲା। ଏମାନଙ୍କ ମଧ୍ୟରୁ ୧୧୮୮ଜଣ ହତ୍ୟା, ହତ୍ୟା ଉଦ୍ୟମ ଏବଂ ମହିଳା ବିରୋଧୀ ହିଂସା ଭଳି ସଙ୍ଗୀନ ଅପରାଧିକ ମାମଲାରେ ଜଡିତ ଥିବା ଏଡିଆର୍ ରିପୋର୍ଟ ପ୍ରକାଶ କରିଛି।

# ତେଲକୋଇ ନିର୍ବାଚନ ମଣ୍ଡଳୀ ପାଇଁ ପୋଲିଂ ପାର୍ଟି ପଠାଇଲା ଜିଲ୍ଲା ପ୍ରଶାସନ

**କେନ୍ଦୁଝର, ନ୍ୟୁଜ୍**

କେନ୍ଦୁଝର ଜିଲ୍ଲାରେ ଆସନ୍ତା ୨୫ ତାରିଖ ଓଡ଼ିଶାର ତୃତୀୟ ପର୍ଯ୍ୟାୟରେ ଭୋଟ ଗ୍ରହଣ ହେବାକୁ ଥିବା ବେଳେ ଗୁରୁବାର ଠାରୁ କେନ୍ଦୁଝର ଜିଲ୍ଲାର ୨୦ ତେଲକୋଇ ନିର୍ବାଚନ ମଣ୍ଡଳୀରେ ନିର୍ବାଚନ ପରିଚାଳନା ପାଇଁ ବୁଥ୍ ସବୁକୁ ପୋଲିଂ ପାର୍ଟି ଯିବା ଆରମ୍ଭ ହୋଇଛି। କେନ୍ଦୁଝର ସହର ସ୍ଥିତ ଓଏସ୍‌ଏମଇ (ଓଡ଼ିଶା ସ୍କୁଲ ଅଫ ମାଇନିଂ ଇଞ୍ଜିନିୟରିଂ ସ୍କୁଲ) ପଡ଼ିଆ ଠାରୁ ୨୦ ତେଲକୋଇ ନିର୍ବାଚନ ମଣ୍ଡଳୀ ରେ ନିର୍ବାଚନ ପରିଚାଳନା ପାଇଁ ପୁଲିଂ ପାର୍ଟି ସବୁକୁ ପଠାଯିବାର ସମସ୍ତ ବ୍ୟବସ୍ଥା କରାଯାଇଛି। ତେଲକୋଇ ବିଧାନସଭା ନିର୍ବାଚନ ମଣ୍ଡଳୀରେ ସମୁଦାୟ ଭୋଟର ସଂଖ୍ୟା ୨ ଲକ୍ଷ ୪୦ ହଜାର ୧୪୮ ଜଣ ଭୋଟର ରହିଛନ୍ତି। ସେମାନଙ୍କ ମଧ୍ୟରୁ ୧ ଲକ୍ଷ ୧୮ ହଜାର ୭୫୩ ଜଣ ପୁରୁଷ ଓ ୧ ଲକ୍ଷ



୨୧ ହଜାର ୩୮୭ ଜଣ ମହିଳା ଭୋଟର ଓ ଅନ୍ୟାନ୍ୟ ୮ ଜଣ ଭୋଟର ଅଛନ୍ତି। ଏଠାରେ ସମୁଦାୟ ୩୨୧ଟି ବୁଥ୍ ଥିବାବେଳେ ସେଥିମଧ୍ୟରୁ ୧୦ଟି ସ ବୁଥ୍, ୫ଟି ଯୁବ ବୁଥ୍, ୨ଟି ଇକୋ ଫ୍ରେଣ୍ଡଲି ବୁଥ ଆଦି ରହିଛି। ଏହା ସହ ନେଟୱାର୍କ ନ ଥିବା ସ୍ଥାନମାନଙ୍କରେ ୭୦ ଗୋଟି ସ୍ୟାଡୋ ବୁଥ୍ ରହିଛି। ଯାହା କିଭିଏଚ୍‌ଏଫ୍‌ରେ କଣ୍ଟ୍ରୋଲ କରାଯିବ। ଏଥିସହ ୧୯୩ ଗୋଟି ବୁଥ୍‌ରେ ସିସି ଟିଭି ୱେବ କ୍ୟାମେରା ଲଗାଯିବାର ବ୍ୟବସ୍ଥା କରାଯାଇଛି। ଏଠାରେ ଭିନ୍ନ ଭିନ୍ନ ପୋଲିଂ ଷ୍ଟେସନ ପାଇଁ ଭିନ୍ନଭିନ୍ନ କାଉଣ୍ଟର ଖୋଲା ଯାଇଛି। ଗୁରୁବାର ତେଲକୋଇ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ପୋଲିଂ ପାର୍ଟିମାନେ କାଉଣ୍ଟର ମାନଙ୍କରୁ ଭୋଟିଂ ପାଇଁ ସମସ୍ତ ପ୍ରକାର ସାମଗ୍ରୀ ସଂଗ୍ରହ କରିବା ପରେ ସବୁକୁ ମେଳ କରି ନିର୍ଦ୍ଧାରିତ ଗାଡ଼ିରେ ପୋଲିଂ ଷ୍ଟେସନ ଅଭିମୁଖେ ଯାଉଛନ୍ତି। ଏଠାରେ ପୋଲିଂ ପାର୍ଟିମାନଙ୍କ ବିଶ୍ରାମ ପାଇଁ ସେଡ୍ ସହ ଫ୍ୟାନ୍ ଓ କୁଲରର ବ୍ୟବସ୍ଥା କରାଯାଇଛି। ଦହି ସର୍ବତ ସହ ଥଣ୍ଡା ପାନୀୟ ଜଳର ବ୍ୟବସ୍ଥା କରାଯାଇଛି। ସ୍ୱାସ୍ଥ ସେବା ଯୋଗାଇ ଦେବା ପାଇଁ ଡାକ୍ତରଙ୍କ ସହ ସ୍ୱାସ୍ଥ ବିଭାଗର କର୍ମଚାରୀ ମାନେ ସଜାଗ ରହିଛନ୍ତି। ପୋଲିଂ ପାର୍ଟିମାନେ ମଧ୍ୟ ସୁରୁଖୁରୁରେ ନିର୍ବାଚନ ପରିଚାଳନା କରିବା ପାଇଁ ବେଶ ଉତ୍ସାହିତ ଥିବା କହିଛନ୍ତି। ଏଥର ସଖୀ ବୁଥ୍‌ର ସମସ୍ତ ପୋଲିଂ ପାର୍ଟିର କର୍ମଚାରୀ ଓ ସୁରକ୍ଷା କର୍ମଚାରୀ ସମସ୍ତେ ମହିଳା। ତେଣୁ ମହିଳା ପୋଲିଂ କର୍ମଚାରୀମାନଙ୍କ ମଧ୍ୟରେ ମଧ୍ୟ ବେଶ୍ ଉତ୍ସାହ ଦେଖିବାକୁ ମିଳିଛି।

ଉତ୍କଳ ଦୀପିକା
ଭୁବନେଶ୍ୱର
୨୪ ମଇ
ଶୁକ୍ରବାର, ୨୦୨୪
RNI Regd. No. : 52640/94
Postal Regd. No. :
BN/60/22-24

# ମହାପ୍ରଭୁଙ୍କ ରଥର ଧଉରା ଓ ଅସନ କାଠରେ ଗୁଜ ନିର୍ମାଣ ଶୁଭାରମ୍ଭ

**ପୁରୀ, ୨୩/୦୫ ନ୍ୟୁଜ ବ୍ୟୁରୋ**



ଚଳଚଞ୍ଚଳ ହୋଇଛି ରଥଖଳା। ନିର୍ମାଣ ଚାଲିଛି ମହାପ୍ରଭୁଙ୍କ ରଥ କାର୍ଯ୍ୟ। ନୃସିଂହ ଚତୁର୍ଦ୍ଦଶୀ ଅବସରରେ ରଥ ନିର୍ମାଣ ପରମ୍ପରାର କୋଣଗୁଜ ଅନୁକୂଳ ହୋଇଥିଲା। ଶ୍ରୀଜୀଉମାନଙ୍କର ଯାତଭୋଗ ସରିବା ପରେ ତୁଳସୀ ମାଳ ଓ ଫଳକ ଅନାବରଣ କରି ରୂପକାର ସେବକମାନେ ଗୁଜ ଅନୁକୂଳ କରିଛନ୍ତି। ରୂପକାର ସେବକମାନେ ଧଉରା ଓ ଅସନ କାଠରେ ଗୁଜ ନିର୍ମାଣର ଶୁଭାରମ୍ଭ କରିଛନ୍ତି। ଭୋଇ ସେବକମାନେ ୧୨ ଫୁଟିଆ କାଠ ଆଣି ରଥ ଖଳାରେ ରଖିବା ପରେ ବିଶ୍ୱକର୍ମା ମହାରଣାମାନେ ବାର୍ଷିରେ ଚୌପଟ କରି ରୂପକାର ସେବକଙ୍କୁ ଯୋଗାଇଥିଲେ। ଗୁଜ ଜଳଯନ୍ତ୍ର ଓ ଗୁଡୁକା ଆଦି ତିଆରି ହେବା ପରେ ରୂପକାରମାନେ ଗୁଜରେ ନୃସିଂହଙ୍କ ମୂର୍ତ୍ତି ନିର୍ମାଣ ଆରମ୍ଭ କରିଛନ୍ତି। ରୂପକାର ସେବକମାନେ ନୃସିଂହ ଚତୁର୍ଦ୍ଦଶୀ ତିଥିରେ କଣ ଗୁଜ ଅନୁକୂଳ ହେବା ପରେ ସିଂହ ବିରାଳ, ଗଜ ବିରାଳ ଆଦି ଖୋଦେଇ କରୁଛନ୍ତି। ଏହି ସୌନ୍ଦର୍ଯ୍ୟ କରଣ ସେବାରେ କିଛି କୁନି କୁନି ରୂପକାର ସେବକ ଯୋଗଦେଇ ବାପା ଦାଦାଙ୍କଠାରୁ ତାଲିମ ନେଇ କାର୍ଯ୍ୟ କରୁଛନ୍ତି। କାଳ କାଳ ଧରି ରଥ ସୌନ୍ଦର୍ଯ୍ୟର ଗୁରୁଦାୟିତ୍ୱ ରୂପକାର ସେବକଙ୍କ ଉପରେ ରହିଥାଏ। ତେଣୁ ସେମାନଙ୍କ ଘରର କୁନି କୁନି ପିଲାଙ୍କୁ ଏହି ରୂପକାର୍ଯ୍ୟର ଟ୍ରେନିଂ ଦେଉଛନ୍ତି ଗୁରୁଜନମାନେ। ଚଳଚଞ୍ଚଳ ହୋଇଛି ରଥଖଳା । ରୂପକାର ସେବକମାନେ ଅକ୍ଷୟ ତୃତୀୟାରେ ଶାଢି ବାନ୍ଧିଥାନ୍ତି । ତିନି ରଥର କୋଣ ଗୁଜ, ପଞ୍ଚ ଗୁଜ, ଖମ୍ବି, ନାଟଗୋଡ, ତାରି ପରିଚ୍ଛା, ସିଂହାସନ, ପ୍ରଭା ଓ ମୁହାଁଟରେ ଖୋଦେଇ କରନ୍ତି । ରଥରେ ଘୋଡା ଯୋଚିବା ଓ ଖୋଲିବା ମଧ୍ୟ କରିଥାନ୍ତି ।

# ବରିଷ୍ଠ ନାଗରିକଙ୍କ ପାଇଁ ପ୍ରତିଷ୍ଠା ହେବ ଏଜିଙ୍ଗ ସେଣ୍ଟର

**ଭୁବନେଶ୍ୱର, ୨୩/୦୫ ନ୍ୟୁଜ ବ୍ୟୁରୋ**

ବିଜେଡି ନିର୍ବାଚନୀ ଇସ୍ତାହାରରେ ମଧ୍ୟବିତ୍ତଙ୍କ ସମେତ ବରିଷ୍ଠ ନାଗରିକଙ୍କ ଉପରେ ଗୁରୁତ୍ୱ ଦିଆଯାଇଛି । ଇସ୍ତାହାରରେ ମଧ୍ୟବିତ୍ତ ବର୍ଗର ଲୋକଙ୍କ ପାଇଁ କିଭଳି ଗୁରୁତ୍ୱ ଦିଆଯାଇଛି ସେନେଇ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ବିଜେଡିର ଜାତୀୟ ମୁଖପାତ୍ର ଅମର ପଟ୍ଟନାୟକ । ମଧ୍ୟବିତ୍ତଙ୍କ ସମେତ ସମାଜର ପ୍ରତ୍ୟେକ ବର୍ଗର ବିକାଶ ନବୀନ ଗ୍ୟାରେଣ୍ଟି । ରାଜ୍ୟର ପ୍ରତ୍ୟେକ ମଧ୍ୟବିତ୍ତ ପରିବାରକୁ ମିଳିବ ବିଏସକେୱାଇ ନବୀନ କାର୍ଡ ମାଧ୍ୟମରେ ସ୍ୱାସ୍ଥ୍ୟ ସୁରକ୍ଷା । ରାଜ୍ୟର ବରିଷ୍ଠ ନାଗରିକଙ୍କ ପାଇଁ ପ୍ରତିଷ୍ଠା ହେବ ଏଜିଙ୍ଗ ସେଣ୍ଟର । ଦିବ୍ୟାଙ୍ଗଙ୍କ ସହାୟତା ପାଇଁ ଶହେ କୋଟି ଟଙ୍କାର ଇମ୍ପାକ୍ଟ ଫଣ୍ଡ ବ୍ୟବସ୍ଥା ହୋଇଛି ବୋଲି କହିଛନ୍ତି ଅମର । ଅମର ପଟ୍ଟନାୟକ କହିଛନ୍ତି, ''ବିଜେଡିର ନିର୍ବାଚନୀ ଇସ୍ତାହାରରେ ମଧ୍ୟବିତ୍ତ ବର୍ଗର ଲୋକଙ୍କ ପାଇଁ ଗୁରୁତ୍ୱ ଦିଆଯାଇଛି । ମଧ୍ୟବିତ୍ତମାନେ ସମାଜର ମେରୁଦଣ୍ଡ । ତେଣୁ ମୁଖ୍ୟମନ୍ତ୍ରୀ ସେମାନଙ୍କ ଆବଶ୍ୟକତାକୁ ପୂରଣ କରିବାକୁ ବିଜେଡିର ଘୋଷଣା ପତ୍ରରେ ବିଭିନ୍ନ ପ୍ରତିଶ୍ରୁତି ରଖିଛନ୍ତି । ନବୀନ ସରକାରଙ୍କ ଦ୍ୱାରା ବିପିଏଲ ପରିବାର ପାଇଁ ପ୍ରଦାନ କରାଯାଉଥିବା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାକୁ ବିଏସକେୱାଇ ନବିନ କାର୍ଡ ମାଧ୍ୟମରେ ସମାଜର ମଧ୍ୟବିତ୍ତ ବର୍ଗର ପରିବାର ପାଇଁ ଉପଲବ୍ଧ କରାଯିବ । ପ୍ରତ୍ୟେକ ମଧ୍ୟବିତ୍ତ ପରିବାରର ନିଜର ଏକ ପକ୍କା ଘର ସ୍ୱପ୍ନ ହୋଇଥିବାରୁ ସେମାନଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ବ୍ୟାଙ୍କରୁ ୨୦ ଲକ୍ଷ ଟଙ୍କା ଲୋନ କରି ପାରିବେ । ଯାହାର ସୁଧ ଉପରେ ରାଜ୍ୟ ସରକାରଙ୍କ ତରଫରୁ ରିହାତି ପ୍ରଦାନ କରାଯିବ ।'' ''ସେହିପରି ମଧ୍ୟବିତ୍ତ ପରିବାରର ପିଲାମାନେ ଉଚ୍ଚଶିକ୍ଷା ଗ୍ରହଣ କରିବା ପାଇଁ ଶିକ୍ଷା ଋଣ ନେଲେ ସେଥିରେ ମଧ୍ୟ ରାଜ୍ୟ ସରକାର ରିହାତି ପ୍ରଦାନ କରିବେ । କଲେଜ ଛାତ୍ରଛାତ୍ରୀମାନଙ୍କୁ ନୂଆ ଓ ବୃତ୍ତି ଯୋଜନା ମାଧ୍ୟମରେ



ବର୍ଷକୁ ଛାତ୍ରୀଙ୍କୁ ଚଉଦ ହଜାର ଓ ଛାତ୍ରଙ୍କୁ ବାର ହଜାର ଟଙ୍କା ପ୍ରଦାନ କରାଯିବ । ସେହିପରି ପବ୍ଲିକ ପରିବହନ ଗୁଡିକରେ ଯଥା ସମସ୍ତ ସରକାରୀ ବସ୍‌ରେ ମଧ୍ୟବିତ୍ତଙ୍କ ପାଇଁ ରିହାତି ଦର ଲାଗୁ ହେବ । ଅନୁସୂଚିତ ଜନଜାତି, ଓବିସି ବର୍ଗର ଲୋକଙ୍କ ପାଇଁ ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ପ୍ରତିଶ୍ରୁତି ରହିଛି । ଅନୁସୂଚିତ ଜନଜାତିମାନଙ୍କ ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ସମସ୍ତ ସୁବିଧା ଚାଲୁ ରହିବ । ଏହା ସଙ୍ଗେ ସଙ୍ଗେ ଏହି ବର୍ଗର ଯୁବକ ମାନଙ୍କୁ ସ୍ୱାବଲମ୍ବି କରିବା ଲକ୍ଷ୍ୟରେ ଆସନ୍ତା ଦଶ ବର୍ଷରେ ଦଶ ହଜାର କୋଟି ଟଙ୍କା ବ୍ୟୟର ଯୋଜନା କରାଯାଇଛି । ପ୍ରତି ବର୍ଷ ଅନୁସୂଚିତ ବର୍ଗର ଏକ ହଜାର ଯୁବକ ଯୁବତୀଙ୍କୁ ଏକ ଲକ୍ଷରୁ ଦଶ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବ୍ୟାଙ୍କ ଜରିଆରେ ରିହାତି ସୁଧ ହାରରେ ଋଣ ପ୍ରଦାନ କରାଯିବ। ଓବିସି ବର୍ଗର ଲୋକଙ୍କ ସ୍ଥିତି ଉପରେ ଏକ ସର୍ଭେ କରିବା ପାଇଁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରାଯାଇଥିଲା । କିନ୍ତୁ କେନ୍ଦ୍ର ସରକାର ସେ ଦିଗରେ ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ରାଜ୍ୟ ସରକାର ସର୍ଭେ କାମ ଆରମ୍ଭ କରିଛନ୍ତି । ଯାହାକୁ ସମାପ୍ତ କରାଯିବ । ସମାଜରେ ବାସ କରୁଥିବା ବରିଷ୍ଠ ନାଗରିକମାନଙ୍କ ପାଇଁ ସ୍ୱାସ୍ଥ୍ୟ ସୁରକ୍ଷା ନିମନ୍ତେ ନିୟମିତ ବ୍ୟବଧାନରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ । ସେମାନଙ୍କ ସାମାଜିକ ସୁରକ୍ଷା ପାଇଁ ଏଜିଙ୍ଗ ସେଣ୍ଟର ପ୍ରତିଷ୍ଠା କରାଯିବ, ଯେଉଁଠି ସେମାନଙ୍କ ଅବସର ବିନୋଦନ ପାଇଁ ବିଭିନ୍ନ ବ୍ୟବସ୍ଥା କରାଯିବ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି।

# ଦୁଇ ହାତୀଦାନ୍ତ ଜବତ : ୧୧ ଅଭିଯୁକ୍ତ ଗିରଫ

**ରାଉରକେଲା, ୨୩/୦୫ ନ୍ୟୁଜ ବ୍ୟୁରୋ**



ସୁନ୍ଦରଗଡ଼ ଜିଲ୍ଲା ରାଉରକେଲା ବନଖଣ୍ଡ ଅଧୀନ ବନଗାଁରୁ ଚାଲାଣ ପାଇଁ ରଖାଯାଇଥିବା ହାତୀଦାନ୍ତକୁ ବନ ବିଭାଗ ଜବତ କରିଛି। ହାତୀଦାନ୍ତ ଚୋରାଚାଲାଣ ଅଭିଯୋଗରେ ବନ ବିଭାଗର କର୍ମଚାରୀମାନେ ୧୧ ଜଣଙ୍କୁ ଗିରଫ କରିଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ରାମେଶ୍ୱର ନାୟକ (୫୧), ବିରଜା ମୁଣ୍ଡା (୪୦), ପ୍ରକାଶ ଚନ୍ଦ୍ର ମହାକୁଡ଼ (୪୦), ସୁଗୁଡ଼ା ହେମ୍ବ୍ରମ (୩୪), ରାମଚନ୍ଦ୍ର ପାତ୍ର (୬୧), ପ୍ରୀତିକାନ୍ତ ମହନ୍ତ (୨୭), ରଂଜନ ମହାନ୍ତ (୪୮), ଦୁଷ୍ମନ୍ତ ପାତ୍ର (୫୮), ବିଦ୍ୟାଧର ପାତ୍ର (୪୮) ପ୍ରମୁଖ। ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ହାତୀଦାନ୍ତ ଜବତ କରିବା ପାଇଁ ବନ ବିଭାଗ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଥିଲା। ସହକାରୀ ବନ ସଂରକ୍ଷକ ସୌମ୍ୟରଞ୍ଜନ ଗୋଚ୍ଛାୟତଙ୍କ ନିର୍ଦ୍ଦେଶରେ କର୍ମଚାରୀମାନେ ବଡ଼ଗାଁସ୍ଥିତ ରାମେଶ୍ୱର ନାୟକଙ୍କ ଘରେ ଚଢ଼ଉ କରିଥିଲେ। ଚଢ଼ଉ ବେଳେ ୩ କିଲୋ ଓଜନର ହାତୀଦାନ୍ତ ଜବତ ହୋଇଥିଲା। ଚଢ଼ଉରେ ବନାଞ୍ଚଳ ଅଧିକାରୀ ଜ୍ଞାନେନ୍ଦ୍ର ଲିମା, ସେତୁ ରଂଜନୀ ଗମାଙ୍ଗ, ଏସ୍‌ଟିଏସ୍ ରିତାଞ୍ଜଳୀ ଶତପଥୀ, ବନପାଳ ପ୍ରଦୀପ କୁମାର ସାହୁ, ବନରକ୍ଷୀ ଅଳିଅଳ ବେହେରା, ଯଶୋଦା ମହାନ୍ତ, ରାଜେଶ ଜ୍ୟୋତିଷି, ବିଶ୍ୱଜିତ ପଣ୍ଡା, ସମୀର ପାତ୍ର, ପ୍ରବୀଣ ଆଚାର୍ଯ୍ୟ, ଗୋବିନ୍ଦ ମହାପାତ୍ର ଓ ଉମେଶ ମହାପାତ୍ର ଉପସ୍ଥିତ ଥିଲେ।




**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

**ଜଗତସିଂହପୁର ଲୋକସଭା କ୍ଷେତ୍ରରେ କାର୍ତ୍ତିକ ପାଣ୍ଡିଆନଙ୍କ ନିର୍ବାଚନ ପ୍ରଚାର**

# ମୁଖ୍ୟମନ୍ତ୍ରୀଙ୍କ ପ୍ରତି ଓଡ଼ିଶାବାସୀଙ୍କ ଭଲପାଇବା ଦେଖି ବିରୋଧୀଙ୍କ ମୁଣ୍ଡ କାମ କରୁନି

**ଭୁବନେଶ୍ୱର, ୨୩/୦୫ ନ୍ୟୁଜ ବ୍ୟୁରୋ**



ବିଜୁ ଜନତା ଦଳର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ ଗୁରୁବାର ଜଗତସିଂହପୁର ଲୋକସଭା ନିର୍ବାଚନ ମଣ୍ଡଳୀର ନିମାପଡ଼ା, କାକଟପୁର, ନିଆଳି, ବଲିକୁଦା-ଏରସମା, ପାରାଦୀପ, ତିର୍ତ୍ତୋଲ ଓ ଜଗତସିଂହପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ପ୍ରଚାର କରି ବିଜୁ ଜନତା ଦଳର ପ୍ରାର୍ଥୀମାନଙ୍କୁ ଲକ୍ଷାଧିକ ଭୋଟରେ ଜିତାଇ ମୁଖ୍ୟମନ୍ତ୍ରୀଙ୍କୁ ଆଶୀର୍ବାଦ କରିବାକୁ ଅନୁରୋଧ କରିଛନ୍ତି । ପ୍ରତ୍ୟେକ ସଭାରେ ଶ୍ରୀ ପାଣ୍ଡିଆନଙ୍କୁ ବିଶାଳ ଜନସମୁଦ୍ର ସ୍ୱାଗତ କରିଥିଲେ । ତାଙ୍କ ଭାଷଣରେ ବିରୋଧୀ ଦଳ ଉପରେ ପ୍ରଚଣ୍ଡ ଆକ୍ରମଣ କରି ଶ୍ରୀ ପାଣ୍ଡିଆନ କହିଥିଲେ ମୁଖ୍ୟମନ୍ତ୍ରୀଙ୍କ ପ୍ରତି ଓଡ଼ିଶାବାସୀଙ୍କ ଏତେ ଭଲପାଇବା ଦେଖି ବିରୋଧୀଙ୍କ ମୁଣ୍ଡ କାମ କରୁନି। ବାହାରୁ ବଡ଼ ବଡ଼ ନେତାମାନେ ଆସି ମୁଖ୍ୟମନ୍ତ୍ରୀଙ୍କୁ ଅଭଦ୍ର ଭାଷାରେ ଗାଳି ଦେଉଛନ୍ତି । ମୁଖ୍ୟମନ୍ତ୍ରୀଙ୍କୁ ଏପରି ଅସମ୍ମାନିତ କରୁଥିବା ଲୋକମାନଙ୍କୁ ଆପଣମାନେ ମୁହଁତୋଡ଼ ଜବାବ ଦିଅନ୍ତୁ ବୋଲି ସେ କହିଥିଲେ । ଆସାମ ମୁଖ୍ୟମନ୍ତ୍ରୀଙ୍କୁ ତୀବ୍ର ସମାଲୋଚନା କରି ସେ କହିଲେ ଯେ, ଆସାମ ମୁଖ୍ୟମନ୍ତ୍ରୀ ଜାଣିବା ଉଚିତ ଯେ, ନବୀନ ବାବୁ ଆପଣଙ୍କ ଗୁରୁଙ୍କ ଗୁରୁ ସହିତ କାମ କରିଛନ୍ତି । ବାଜପେୟୀଙ୍କ ସରକାରରେ ନବୀନ ବାବୁ ଯେତେବେଳେ କ୍ୟାବିନେଟ୍ ମନ୍ତ୍ରୀ ଥିଲେ, ଆପଣ ସେତେବେଳେ ଓକିଲାତି କରୁଥିଲେ । ଆପଣ ଓଡ଼ିଶାବାସୀଙ୍କ ଠାରୁ ସଂସ୍କାର ଶିଖନ୍ତୁ । ଓଡ଼ିଶା କେବେ ଅତିଥିଙ୍କୁ ଏମାଟିରେ ଅସମ୍ମାନିତ କରେ ନାହିଁ । ମହାପ୍ରଭୁ ଆପଣଙ୍କୁ ସଦ୍‌ବୁଦ୍ଧି ଦିଅନ୍ତୁ । ଆମ ମୁଖ୍ୟମନ୍ତ୍ରୀଙ୍କୁ ଅସମ୍ମାନିତ କରନ୍ତୁ ନାହିଁ । ସେ ପୁଣି କହିଲେ ଯେ, ଆସାମ ଓ ଉତ୍ତରପ୍ରଦେଶର ମୁଖ୍ୟମନ୍ତ୍ରୀ ଆସି କହୁଛନ୍ତି ଯେ ଓଡ଼ିଶାକୁ ଏକ ନମ୍ବର କରିବେ । ପ୍ରଥମେ ସେମାନେ ଆଗେ ନିଜ ରାଜ୍ୟକୁ ଦେଖନ୍ତୁ, ତା'ପରେ ଓଡ଼ିଶା କଥା ଚିନ୍ତା କରିବେ । ଓଡ଼ିଶାଠୁ ସବୁ କ୍ଷେତ୍ରରେ ସେମାନେ ବହୁ ପଛରେ ଅଛନ୍ତି । ଓଡ଼ିଶାକୁ ଏକ ନମ୍ବର କରିବେ ନବୀନ ପଟ୍ଟନାୟକ। ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ଠାରୁ କିଛି ଶିଖିକି ଯାଆନ୍ତୁ, କାମରେ ଲାଗିବ । ବିରୋଧୀଙ୍କ ଉପରେ ଶାଣିତ ଆକ୍ରମଣ ଜାରି ରଖି ସେ କହିଲେ ଯେ, ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ପ୍ରତି ଅଶାଳୀନ ଭାଷା ବ୍ୟବହାର ଓ ତାଙ୍କୁ ଅସମ୍ମାନିତ କରିବାକୁ ଓଡ଼ିଶାବାସୀ କେବେ ବରଦାସ୍ତ କରିବେ ନାହିଁ । ଜୁନ ୧ ତାରିଖରେ ଆପଣମାନେ ଏହାର ଉଚିତ ଜବାବ ଦେବେ ବୋଲି ସେ କହିଥିଲେ । ସେ କହିଲେ ଯେ, ବିରୋଧୀ ଦଳ ବିଜୁ ଜନତା ଦଳର କର୍ମୀମାନଙ୍କୁ ଧମକ ଦେଉଛନ୍ତି । ଆକ୍ରମଣ କରୁଛନ୍ତି । ଏଇଟା ଭଲ ନୁହେଁ । ଆମ ଦଳର କୌଣସି କର୍ମୀଙ୍କ ଦେହରେ ହାତ ଲଗେଇବାକୁ ଦେବୁନାହିଁ । ମୁଖ୍ୟମନ୍ତ୍ରୀ ଶାନ୍ତିରେ ବିଶ୍ୱାସ କରନ୍ତି । ଓଡ଼ିଶାବାସୀଙ୍କ ପ୍ରତି ମୁଖ୍ୟମନ୍ତ୍ରୀଙ୍କ ପ୍ରତିଶ୍ରୁତିବଦ୍ଧତା ଓ ଭଲପାଇବା ସମ୍ପର୍କରେ ବର୍ଣ୍ଣନା କରି ସେ କହିଥିଲେ ଯେ, ସେ ସାଢ଼େ ୪ କୋଟି ଓଡ଼ିଶାବାସୀଙ୍କୁ ନିଜପରିବାରର ସଦସ୍ୟ ବୋଲି ଗ୍ରହଣ କରିଛନ୍ତି । ମୁଖ୍ୟମନ୍ତ୍ରୀ ଆପଣମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଲାଗି ଦିନରାତି ୨୪ ଘଣ୍ଟା କାମ କରୁଛନ୍ତି । ଏ ସରକାର ହେଉଛି ଆପଣମାନଙ୍କ ସରକାର। ଚାଷୀଭାଇମାନଙ୍କ ସରକାର, ଯୁବପିଢ଼ିର ସରକାର । ଏହାପରେ ଶ୍ରୀ ପାଣ୍ଡିଆନ ରାଜ୍ୟର ସବୁ ଲୋକପ୍ରିୟ ଜନକଲ୍ୟାଣ ଯୋଜନା ସମ୍ପର୍କରେ ଲୋକଙ୍କୁ ପଚାରିଥିଲେ ଏ ସବୁ କିଏ କରୁଛି । ସବୁ ପ୍ରଶ୍ନର ଗୋଟିଏ ଉତ୍ତର ଆସିଥିଲା – ନବୀନ ପଟ୍ଟନାୟକ । ପାଣ୍ଡିଆନ ପଚାରିଲେ – ମିଶନଶକ୍ତି କିଏ କରିଛି ? ମମତା ଯୋଜନାରେ ୧୦ ହଜାର ଟଙ୍କା କିଏ ଦଉଛି ? ବି.ଏସ୍.କେ.ୱାଇରେ ସ୍ୱାସ୍ଥ୍ୟ ସୁରକ୍ଷା କିଏ ଦଉଛି ? ମଧୁବାବୁ ପେନ୍‌ସନରେ ଭତ୍ତା କିଏ ଦଉଛି ? ଲକ୍ଷ୍ମୀ ବସ୍‌ରେ ମା'ମାନଙ୍କୁ ୫ ଟଙ୍କାରେ ଯାତାୟାତ ସୁବିଧା କିଏ ଦଉଛି ? ଜନତା ଏକ ସ୍ୱରରେ ଉତ୍ତର ଦେଇଥିଲେ – ନବୀନ ପଟ୍ଟନାୟକ । ମଠ, ମନ୍ଦିର, ଚର୍ଚ୍ଚ, ମସ୍‌ଜିଦ୍ ଆଦି ପୂଜାସ୍ଥଳର ରୂପାନ୍ତର କିଏ କରିଛି – ଉତ୍ତର ଆସିଥିଲା ନବୀନ ପଟ୍ଟନାୟକ । ସେ ପୁଣି କହିଲେ ଯେ, ମହାପ୍ରଭୁଙ୍କ କୃପାରୁ ଓ ଆପଣମାନଙ୍କ ଆଶୀର୍ବାଦରୁ ସାରା ଓଡ଼ିଶା – ମାଲକାନଗିରିରୁ ମୟୂରଭଞ୍ଜ, ସୁନ୍ଦରଗଡ଼ରୁ ଜଗତ୍‌ସିଂହପୁର ପର୍ଯ୍ୟନ୍ତ – ସମସ୍ତେ ଜାଣିଗଲେଣି ଯେ, ନବୀନ ପଟ୍ଟନାୟକ ପୁଣି ଥରେ ଜୁନ ୯ ତାରିଖରେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ । ଶପଥ ନେବା ପରେ ପ୍ରଥମ ଦସ୍ତଖତ ହେବ, ୯୦ ପ୍ରତିଶତ ଲୋକଙ୍କ ପାଇଁ ବିଜୁଳି ବିଲ୍ ଛାଡ଼ । ଦ୍ୱିତୀୟ ଦସ୍ତଖତରେ ବି.ଏସ୍.କେ.ୱାଇରେ ସମସ୍ତେ ସାମିଲ ହେବେ । ବି.ପି.ଏଲ୍ କାର୍ଡ ନଥିଲେ ଏପରିକି ସରକାରୀ ଚାକିରିରେ ଥିଲେ ମଧ୍ୟ ସମସ୍ତେ ବି.ଏସ୍.କେ.ୱାଇ କାର୍ଡ ପାଇବେ। ତୃତୀୟରେ ମିଶନଶକ୍ତି ସଦସ୍ୟାମାନଙ୍କ ପାଇଁ ୬୦ ବର୍ଷ ପରେ ପେନ୍‌ସନ୍ ସୁବିଧା ମିଳିବ । ଏହି କାର୍ଯ୍ୟକ୍ରମରେ ଜଗତସିଂହପୁର ସାଂସଦ ପ୍ରାର୍ଥୀ ଡଃ ରାଜଶ୍ରୀ ମଲ୍ଲିକ, ନିମାପଡ଼ା ବିଧାୟକ ପ୍ରାର୍ଥୀ ଦିଲ୍ଲୀପ କୁମାର ନାୟକ, କାକଟପୁର ବିଧାୟକ ପ୍ରାର୍ଥୀ ତୁଷାରକାନ୍ତି ବେହେରା, ନିଆଳି ବିଧାୟକ ପ୍ରାର୍ଥୀ ଡଃ ପ୍ରମୋଦ ମଲ୍ଲିକ, ବାଲିକୁଦା-ଏରସମା ବିଧାୟକ ପ୍ରାର୍ଥୀ ଶାରଦା ପ୍ରସନ୍ନ ଜେନା, ପାରାଦୀପ ବିଧାୟକ ପ୍ରାର୍ଥୀ ଗୀତାଞ୍ଜଳୀ ରାଉତରାୟ, ତିର୍ତ୍ତୋଲ ବିଧାୟକ ପ୍ରାର୍ଥୀ ରମାକାନ୍ତ ଭୋଇ ଓ ଜଗତସିଂହପୁର ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ମୁଦୁଲି ପ୍ରମୁଖ ବିଜୁ ଜନତା ଦଳ ଶଙ୍ଖ ଚିହ୍ନରେ ବିପୁଳ ସଂଖ୍ୟାରେ ଭୋଟ ଦେଇ ମୁଖ୍ୟମନ୍ତ୍ରୀଙ୍କ ହାତମୁଠାକୁ ଟାଣ କରିବା ପାଇଁ ଅନୁରୋଧ କରିଥିଲେ ।

# ସୀମାରେ ଗୁଳିବିନିମୟ: ଜଣେ ନକ୍ସଲ ନିହତ

**ମାଲକାନଗିରି, ୨୩/୦୫ ନ୍ୟୁଜ ବ୍ୟୁରୋ**

ସୀମାନ୍ତ ଛତିଶଗଡ଼ର ନାରାୟଣପୁର, ବିଜାପୁର ଏବଂ ଦାନ୍ତେୱାଡା ସୀମାରେ ପୁଲିସ ଓ ନକ୍ସଲ ମଧ୍ୟରେ ଗୁଳିବିନିମୟ ଚାଲିଛି। ସୁରକ୍ଷା କର୍ମୀଙ୍କ ଗୁଳିମାଡ଼ରେ ଜଣେ ନିକ୍ସଲ ନିହତ ହୋଇଛି। ଅନ୍ୟ ୨ ଜଣ ନକ୍ସଲ ଆହତ ହୋଇଥିବା ଜଣାପଡ଼ିଛି। ନାରାୟଣପୁର ଏସ୍‌ପି ପ୍ରଭାତ କୁମାରଙ୍କ କହିବା ଅନୁଯାୟୀ ବିଶେଷ ସୂତ୍ରରୁ ଖବର ମିଳିଥିଲା ଯେ ତିନି ଜିଲ୍ଲାର ସୀମାରେ ନକ୍ସଲ ଏକ ବଡ଼ଧରଣର ବୈଠକ କରୁଛନ୍ତି। ତୁରନ୍ତ ଜିଲ୍ଲା ପୁଲିସ, ଡିଆରଜି ଏବଂ ସିଆରପିଏଫ ଯବାନ ଜଙ୍ଗଲରେ ସର୍ଚ୍ଚ ଅପରେସନ ଆରମ୍ଭ କରିଥିଲେ। ଗୁରୁବାର ସକାଳୁ ନକ୍ସଲ ଏବଂ ପୁଲିସ ମଧ୍ୟରେ ଗୁଳିବିନିମୟ ଘଟିଥିଲା। ଦିନ ଗୋଟାଏ ପର୍ଯ୍ୟନ୍ତ ରହି ରହି ଗୁଳି ଶବ୍ଦ ଶୁଭୁଥିଲା। ପରେ ଯବାନ ସର୍ଚ୍ଚ ଅପରେସନରେ ଜଣେ ନକ୍ସଲର ମୃତଦେହ ଉଦ୍ଧାର କରିଥିଲେ। ଦୁଇ ଜଣ ନକ୍ସଲଙ୍କୁ ଗୁଳି ବାଜିଥିବାରୁ ସେମାନେ ଖସି ପଳାଇବାକୁ ଚେଷ୍ଟା କରିଥିଲେ। ତେବେ ଜଙ୍ଗଲରେ ଯବାନ ଏହି ଦୁଇ ଆହତ ନକ୍ସଲକୁ ଗିରଫ କରିବା ପାଇଁ ଜାଲ ବିଛାଇଛନ୍ତି। କିନ୍ତୁ ଅନ୍ୟଦିଗରେ ନକ୍ସଲମାନେ ଦୁଇ ଆହତ ନକ୍ସଲଙ୍କୁସାଙ୍ଗରେ ନେବାକୁ ଯବାନଙ୍କ ଉପରେ ରହି ରହି ଗୁଳି ବର୍ଷଣ କରିଥିଲେ।

# ପିକ୍‌ଅପ୍ ଓ କାର୍ ସହ ୧୮ ଗ୍ୟାସ୍ ସିଲିଣ୍ଡର ଜବତ : ୮ ଚୋର ଗିରଫ

**ରାଇରଙ୍ଗପୁର, ୨୩/୦୫ ନ୍ୟୁଜ ବ୍ୟୁରୋ**

ଏକ ବଡ଼ ଧରଣର ଗ୍ୟାସ ସିଲିଣ୍ଡର ଚୋରି ର୍‍ୟାକେଟର ପର୍ଦ୍ଦାଫାସ କରିଛି ମୟୂରଭଞ୍ଜ ପୋଲିସ। ଗ୍ୟାସ ଡିପୋରୁ ୫୦ରୁ ଉର୍ଦ୍ଧ୍ୱ ସିଲିଣ୍ଡର ଚୋରି ଘଟଣାରେ ୮ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଛି ପୋଲିସ । ୮ ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ୫ ଜଣ ଚୋରି କରି ୩ ଜଣଙ୍କୁ ସିଲିଣ୍ଡର ବିକ୍ରି କରିଥିବା ପୋଲିସ ସୂଚନା ଦେଇଛି । ଗିରଫ ଅଭିଯୁକ୍ତ ହେଉଛନ୍ତି କୁଳିଅଣା ଥାନା ସୌରୀ ଗ୍ରାମର ଶକ୍ତି ପାଣି, ସୌମ୍ୟ ରଞ୍ଜନ ପାଣି, ଟିଟ୍ରି ଗ୍ରାମର ଅଜୟ କୁମାର ବେହେରା, ବାଲିମୁଣ୍ଡଳି ଗ୍ରାମର ସିପୁ ସିଂ ଓ ଉମାଶଙ୍କର ନାୟକ । ସିଲିଣ୍ଡର କିଣିଥିବା ଯୁବକମାନେ ବାରିପଦା ଟାଉନ ଥାନା ଅନ୍ତର୍ଗତ ତୁଳସୀଚୌରାର ନିର୍ମଳ ଗୋଚ୍ଛାୟତ, ବାଲେଶ୍ୱର ଜିଲ୍ଲା ଖନ୍ତାପଡାର ରାଜ ନାରାୟଣ ପାଣିଗ୍ରାହୀ ଓ କୁଳିଅଣା ଥାନା ପରିଆକୁଳି ଗ୍ରାମର ସନଥୁ ଚୌହାନ ବୋଲି ଜଣାପଡିଛି । ସେମାନଙ୍କ ନିକଟରୁ ୧୮ଟି ଗ୍ୟାସ ସିଲିଣ୍ଡର ସମେତ ଗୋଟିଏ ପିକଅପ ଭ୍ୟାନ, ଗୋଟିଏ କାର୍ ଓ ୬ଟି ମୋବାଇଲ ଫୋନ ଜବତ କରିଛି ପୋଲିସ । ଘଟଣା ସମ୍ପର୍କରେ ବାରିପଦା ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ସୁଜିତ କୁମାର ପ୍ରଧାନ ସମସ୍ତ ସୂଚନା ପ୍ରଦାନ କରିଛନ୍ତି । ପୋଲିସର ସୂଚନା ଅନୁଯାୟୀ, ଗତ ଜାନୁଆରୀ ମାସ ୨୫ ତାରିଖ ବିଳମ୍ବିତ ରାତିରେ ବାରିପଦା ସଦର ଥାନା ଅନ୍ତର୍ଗତ ଶ୍ୟାମାଖୁଣ୍ଟା ଧନପୁର ସ୍ଥିତ ଏଚ୍‌ପି ଗ୍ୟାସ ଗୋଦାମରୁ ୫୬ଟି ଗ୍ୟାସ ସିଲିଣ୍ଡର ଚୋରି ହୋଇଥିଲା । ଦୁର୍ବୃତ୍ତ ମାନେ ବିଳମ୍ବିତ ରାତିରେ କେହି ନଥିବାର ସୁଯୋଗ ନେଇ ଗ୍ୟାସ ଗୋଦାମର ତାଲା ଭାଙ୍ଗି ଖାଲି ସିଲିଣ୍ଡର ଗୁଡ଼ିକୁ ଚୋରି କରି ନେଇ ଯାଇଥିଲେ । ଘଟଣା ପର ଦିନ ଗ୍ୟାସ ସିଲିଣ୍ଡର ଚୋରି ହୋଇଥିବା ନେଇ ବାରିପଦା ସଦର ଥାନାରେ ଲିଖିତ ଅଭିଯୋଗ ହୋଇଥିଲା । ୫୬ଟି ଖାଲି ଗ୍ୟାସ ସିଲିଣ୍ଡରର ମୂଲ୍ୟ ୧,୨୩,୨୦୦ ଟଙ୍କା ହେବ ବୋଲି ଗୋଦାମ ମାଲିକ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ବାରିପଦା ସଦର ଥାନା ପୋଲିସ ଏକ ଚୋରି ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲେ । ତଦନ୍ତ ଜାରି ରହିଥିବା ବେଳେ ଧନପୁର ଅଞ୍ଚଳରେ ଏକ ପିକ୍‌ଅପ୍ ଭ୍ୟାନ ଓ କାର୍‌ରେ ଗ୍ୟାସ ସିଲିଣ୍ଡର ନେଇ କିଛି ଲୋକେ ଯାଉଥିବା ବେଳେ ବାରିପଦା ସଦର ଥାନା ପୋଲିସକୁ ଖବର ମିଳିଥିଲା। ସନ୍ଦେହରେ ୫ ଜଣକୁ ଥାନାକୁ ଆଣି ପଚରାଉଚରା କରିଥିଲା ପୋଲିସ । ପରେ ଚୋରି ଘଟଣାର ସମସ୍ତ ତଥ୍ୟ ପୋଲିସକୁ ମିଳିଥିଲା ।




**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

